# ‘ନବୀନ ବାବୁ ଆଧୁନିକ ଓଡ଼ିଶାର ନିର୍ମାତା’

**କୁଚିଣ୍ଡା, ୫।୨(ସମିସ)**

ସୋମବାର କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ଠାରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଯୋଜନାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ କୁଚିଣ୍ଡା ପଞ୍ଚାୟତ ସମିତିର ଅଧକ୍ଷ ଭୁବନେଶ୍ୱର କିସାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟ ଅଜିତ ମହାପାତ୍ର, ସମିତି ସଭ୍ୟ ରଶ୍ମି କୁସୁମ, ସହକାରୀ ତହସିଲଦାର, ଏବିଡିଓ ସହଦେବ ନନ୍ଦ, ଏଇଇ ପ୍ରଜ୍ଞା ପରିମିତା ନାୟକ ଏବଂ ସମାଜସେବୀ ସଞ୍ଜୀବ ଠାକୁର ଯୋଗ ଦେଇଥିଲେ। ଏହି ସଭାକୁ ଶିକ୍ଷକ ଶରତ ପଶାୟତ ପରିଚାଳନା କରିଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇ ମୁଖ୍ୟ ଅତିଥି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ସୂଚନା ଦେବା ସହ ଆମ ରାଜ୍ୟର ଐତିହ୍ୟ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ମାନନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଯୋଜନା ପ୍ରଣୟନ କରିଛନ୍ତି ବୋଲି କହି ମୁଖ୍ୟମନ୍ତ୍ରୀଙ୍କୁ ଆଧୁନିକ ଓଡ଼ିଶାର ନିର୍ମାତା ବୋଲି ବର୍ଣ୍ଣନା କରିଥିଲେ। ଏବିଡିଓ ସହଦେବ ନନ୍ଦ ଏହି ଯୋଜନାର ପ୍ରକଳ୍ପ ଗୁଡ଼ିକର ସଠିକ୍ ଏବଂ ସମୟୋଚିତ କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବକ୍ସମା ପଞ୍ଚାୟତର ୨୦ଜଣ ବାସିନ୍ଦାଙ୍କୁ ବକ୍ସମା ଗ୍ରାମ ପଞ୍ଚାୟତରେ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା କିଛି ପ୍ରକଳ୍ପ ବାବଦରେ ଏବଂ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଯୋଜନା ବାବଦରେ ଉଲ୍ଲେଖ ଥିବା ପ୍ରଚାର ବହି ପ୍ରଦାନ କରାଯାଇଥିଲା। ସଭା ଶେଷରେ ପିଇଓ କିଶୋର ଖିଚିଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାସ୍ଥଳରେ ବିଭିନ୍ନ ସରକାରୀ ସଂସ୍ଥାର ପ୍ରଦର୍ଶନୀ ଷ୍ଟଲ ଲଗାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।




# ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ବସ୍

**ରେଢ଼ାଖୋଲ,୫।୨(ସମିସ):** ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ସ୍ଥିତ ୫୫ନମ୍ବର ଜାତୀୟ ରାଜପଥ ନୂଆପଡ଼ା ଛକ ବୁଲାଣୀ ନିକଟରେ ସୋମବାର ଭୋର୍ ରେ ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ବସ୍ ଓଲଟି

## ୪ଗୁରୁତର, ୫ ଆହତ

୪ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୫ଜଣ ସାମାନ୍ୟ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ୫ଜଣ ଗୁରୁତର ଆହତ ଯାତ୍ରୀଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁତର ଆହତ ଯାତ୍ରୀମାନେ ହେଲେ, ଅନ୍ନପୂର୍ଣ୍ଣା ବାରିକ(୫୧), ସୁବୁଦ୍ଧି ବାରିକ(୫୫), ବାଦଲ କୁମାର ରାଉତ(୫୮), ରାଜ କିଶୋର ମହାନ୍ତି(୬୨) ଏବଂ ଆହତମାନେ ହେଲେ ନରେନ୍ଦ୍ର ନାଥ ଶର୍ମା, ମାନସ ସାହୁ, ପ୍ରଶାନ୍ତ ଦାସ, ମିତ୍ରଭାନୁ ରାଉତ ଓ ତ୍ରିନାଥ ଶର୍ମା। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱରରୁ ହୀରାକୁଦ ଯାଉଥିବା ଶୁଭମ୍ ନାମକ ଯାତ୍ରୀବାହୀ ବସ୍‌ରେ ପ୍ରାୟ ୫୦ଜଣ ଯାତ୍ରୀ ଯାଉଥିବା ବେଳେ ଚାରମାଳ ସ୍ଥିତ ନୂଆପଡ଼ା ଛକ ନିକଟ ବୁଲାଣି ରାସ୍ତାରେ ବସ୍ ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ପରେ ଯାତ୍ରୀମାନେ ଚିତ୍କାର




କରି ନିଜେ ନିଜେ କିଛି ଯାତ୍ରୀ ବସ୍‌ର କାଚ ଭାଙ୍ଗି ବାହାରକୁ ବାହାରି ଆସି ପୁଲିସକୁ ଫୋନ୍ କରିଥିଲେ। ଘଟଣାସ୍ଥଳକୁ ତୁରନ୍ତ ଦମକଳ ବାହିନୀ, ଆମ୍ବୁଲାନ୍ସ ସେବା ଓ ପୁଲିସ ଯାଇ ଯାତ୍ରୀ ମାନଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ।

# ‘ସକାଳ’ ସୂର୍ଯ୍ୟାଲୋକ ସହ ଦୌଡ଼ିଲା ରେଢ଼ାଖୋଲ



ରେଢ଼ାଖୋଲ, ୫।୨(ସମିସ): ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ସୋମବାର ସୁର ଘୁଙ୍ଗୁର ଓ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ମିଳିତ ଆନୁକୂଲ୍ୟରେ ଏକ ଭବ୍ୟ ମିନି ମାରାଥନ ଦୌଡ଼ ହୋଇଥିଲା। ୩ କିମି ଦୌଡ଼ରେ ୩୦୦ରୁ ଊର୍ଦ୍ଧ୍ୱ ଭାଗ ନେଇଥିଲେ। ସ୍ୱାସ୍ଥ୍ୟ ହିଁ ସମ୍ପଦ ସଚେତନତା ବାର୍ତ୍ତା ନେଇ ଗଣଦୌଡ ରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମୀରଞ୍ଜନ ମହନ୍ତ ସାମିଲ ରହି ଶୁଭାରମ୍ଭ କରି ଯୋଗ କରି ଶରୀରକୁ ଯତ୍ନ ନେଇ ସ୍ୱାସ୍ଥ୍ୟ ଠିକ୍ ରଖିବା ବାର୍ତ୍ତା ଦେବା ସହ ଏହି ମାରାଥନ ଜରିଆରେ ରେଢ଼ାଖୋଲ ବାସୀଙ୍କୁ ଏକତାରେ ବାନ୍ଧି ରଖିବା ସୁନ୍ଦର ପ୍ରୟାସ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ରେଢ଼ାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ସାମିଲ ରହି ରାସ୍ତାରେ ଗାଡି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା ଓ କୌଣସି ଦୁର୍ଘଟଣା ହେଲେ ସେ ସ୍ଥାନ ରହି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ପୁଲିସକୁ ଜଣାଇବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧକ୍ଷ ଶିବରାମ ସାହୁ, ବିଜେଡ଼ି ନଗର ଯୁବ ସଭାପତି ବିକାଶ ଦାସ, ବିଜେପି ନଗର ସଭାପତି ରାମାନୁଜ ମହାପାତ୍ର, ଲକ୍ଷ୍ମଣ ପ୍ରଧାନ, ଉମେଶ ମିଶ୍ର ପ୍ରମୁଖ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ରହିଥିଲେ। ଏହି ମିନି ମାରାଥନ ଦୌଡ଼ରେ ଭୀମଭୋଇ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଆବାସିକ ଶିଶୁ ବିଦ୍ୟା ମନ୍ଦିର, ଖଣ୍ଡାଡ଼ିପ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ସମେତ ରେଢ଼ାଖୋଲ ଡାକ୍ତରଖାନା କର୍ମଚାରୀ, ପୋଲିସ କର୍ମଚାରୀ, ଇଣ୍ଡୋର୍ ଷ୍ଟାଡିୟମ୍ ଜିମ୍ ଯୁବକ ମାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ମାନେ ସାମିଲ ରହିଥିଲେ। ଏହି ଗଣଦୌଡ ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ଠାରେ ଶେଷ ହୋଇଥିଲା। ମାରାଥନ ପରେ ମହାବିଦ୍ୟାଳୟ ପରିସରରେ କଳା ମଣ୍ଡପ ଠାରେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁର ଘୁଙ୍ଗୁର ଆବାହକ ରମାକାନ୍ତ ମହାନନ୍ଦ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ନାଗ ସ୍?ାଗତ ଭାଷଣ ଦେଇଥିଲେ। ଏଥିରେ ଭୀମଭୋଇ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ଆବାସିକ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନେ ସୁନ୍ଦର ନୃତ୍ୟ ପରିବେଷଣ କରି ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଏହି ସମସ୍ତ ନୃତ୍ୟ ଦଳକୁ ସୁର ଘୁଙ୍ଗୁର ମହୋତ୍ସବ ରେ ପୁରସ୍କୃତ କରାଯିବ। ଏଥିରେ ଅନୁଷ୍ଠାନର କୋଷାଧକ୍ଷ ଓ ସକାଳ ପ୍ରତିନିଧି ତପନ କୁମାର ବିଶ୍ୱାଳ ଏହି କାର୍ଯ୍ୟକ୍ରମ କୁ ସାଫଲ୍ୟ କରିଥିବାରୁ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନୁଷ୍ଠାନର ଉପସଭାପତି ରଶ୍ମି ରଞ୍ଜନ ଖଡିରତ୍ନ, ସହ ସମ୍ପାଦକ ଗଜାନନ ଭେଷରା, ନନ୍ଦୁ ମିରି, ଅନିଲ ପୃଷ୍ଟି, ଭବାନୀ ପଣ୍ଡା ପ୍ରମୁଖ ସମେତ ଅନୁଷ୍ଠାନର ବହୁ ସଦସ୍ୟ ସାମିଲ ରହି ସକ୍ରିୟ ସହଯୋଗ କରିଥିଲେ।

## ବୋହୂର ସଇତାନୀ ଆଚରଣ

# ଖାଇବା ମାଗିବାରୁ ବୃଦ୍ଧା ଶାଶୂଙ୍କୁ କେନାଲକୁ ଫିଙ୍ଗିଦେଲା

**ବୁର୍ଲା, ୫।୨(ସମିସ):** ଶାଶୁଙ୍କୁ ମାଁ ବୋଲି କେବଳ ସମ୍ବୋଧନ କରାଯାଏନି ବରଂ ମାଁ ପରି ସ୍ନେହ, ମମତା ତଥା ଭଲ ପାଇବା ଦିଆଯାଏ। ହେଲେ ଏଠି ଶାଶୂଙ୍କୁ ମାରିବାକୁ ଉଦ୍ୟମ କରିଛି ବୋହୂ। ଖାଇବା ମାଗିବାରୁ ବୃଦ୍ଧା ଶାଶୁଙ୍କୁ କେନାଲକୁ ଫିଙ୍ଗିଦେଲା ବୋହୂ। ସ୍ୱାମୀକୁ କବାଟ କିଳି ଶାଶୂଙ୍କୁ କେନାଲକୁ ଫିଙ୍ଗି ଦେଇଥିବା ପରି ଘଟଣା ସାମ୍ନାକୁ ଆସିଛି। ଘଟଣା ପରେ କେନାଲ ପାଣିରେ ଭାସି ଯାଉଥିବା ବୃଦ୍ଧା ଶାଶୂଙ୍କୁ ଉଦ୍ଧାର କରିଛି ପୁଲିସ। ଏହା ପରେ ସଇତାନ ବୋହୂକୁ ଗିରଫ କରି କୋର୍ଟ ଚାଲାଣ କରିଛି ବୁର୍ଲା ପୁଲିସ। ସୂଚନା ଅନୁସାରେ ମାଝୀପାଲିର ଅସ୍ଥାୟୀ କଲୋନୀରେ ପୁଅ ରାଧେଶ୍ୟାମ ଭୁଏ ଓ ବୋହୂ ସବିତା ଭୁଏ ସହ ରହନ୍ତି ବୃଦ୍ଧା ଲୟ ଭୁଏ(୬୮)। ତେବେ ବୋହୂକୁ ଶାଶୁ ଖାଇବା ମାଗିବା ସହ ଖାଦ୍ୟ ବାଢିବା ବିଷୟକୁ ନେଇ ପାଟିତୁଣ୍ଡ ହୋଇଥିଲା। ଘଟଣା ପରେ ପ୍ରଥମେ ବୋହୂ ଜଣକ ନିଜ ସ୍ୱାମୀଙ୍କୁ ଗୋଟିଏ ଘରେ ବାହାର ପଟୁ କବାଟ କିଳି ଦେଇଥିଲେ। ଏହାପରେ ଏକୁଆଟିଆ ପାଇ ଶାଶୂଙ୍କ ପାଟି ବନ୍ଦ କରି ଘୋଷାଡି ନେଇ ପାୱାର କେନାଲରେ ଫିଙ୍ଗି ଦେଇଥିଲେ। ଫଳରେ ସେହି ସମୟରେ ପାଣିରେ ଲୟ ଭାସିଯାଉଥିବା ଅବସ୍ଥାରେ ଦେଖି ତାଙ୍କ କଲୋନୀ ପାଖରେ ଲୁହା ପୋଲର ଗୋଟିଏ ଖମ୍ବକୁ ଧରି ଅଟକି ରହିଥିଲେ। ଏହାସହ ଜୀବନ ବଞ୍ଚାଇବା ସହ ଚିତ୍କାର କରୁଥିଲେ। ସ୍ଥାନୀୟ ଲୋକ ଚିତ୍କାର ଶୁଣି ସ୍ଥାନୀୟ ପୁଲିସକୁ ଖବର ଦେବା ପରେ ଘଟଣାରେ ସ୍ଥଳରେ ବୁର୍ଲା ଥାନା ଅଧିକାରୀ ଅନିଲ କୁମାର ପ୍ରଧାନ, ଏସଆଇ ଦେବାଶିଷ ଖିଲାର ଓ ଅନ୍ୟ କର୍ମଚାରୀ ପହଞ୍ଚି ଉଦ୍ଧାର ପାଇଁ ଯୋଜନା କରିଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଲୟକୁ ଉଦ୍ଧାର କରି ଭୀମସାର ପଠାଇଥିଲେ। ସେଠାରେ ବୃଦ୍ଧାଙ୍କର ଚିକିତ୍ସା ଜାରି ରହିଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ରହିଛି। ଅନ୍ୟପଟେ ପୁଅ ରାଧେଶ୍ୟାମଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଘଟଣା ଭିଆଇ ବୋହୂ ଲୟ ବୋର୍ଡ କଲୋନୀର ଏକ ସମ୍ପର୍କୀୟ ଘରେ ଲୁଚିଥିଲେ। ପୁଲିସ ସେଠାରୁ ବୋହୂଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ମାମଲା

# ଅଭିଯୁକ୍ତକୁ ଆଜୀବନ ଜେଲ୍, ୧ ଲକ୍ଷ ଜରିମାନା

**ସମ୍ବଲପୁର, ୫।୨(ସମିସ):** ନାବାଳିକାଙ୍କୁ ଦୁଷ୍କର୍ମ ପରେ ହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ ଜେଲ ଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତିସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ। ୨୦୧୫ ମସିହାରେ ରେଙ୍ଗାଲି ଥାନା ଅଞ୍ଚଳର ଜଣେ ନାବାଳିକାକୁ ବଳାତ୍କାର ଓ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତ ଭୀଷ୍ମ ରଣବିଡ଼ାକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ଶୁଣାଇଛନ୍ତି ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜର୍ଜ ଅଭିଳାଶ ସେନାପତି। ଜରିମାନା ଅନାଦେୟ ପାଇଁ ଆଉ ଏକ ବର୍ଷ କାରାଦଣ୍ଡାଦେଶ ରାୟ ଶୁଣାଇଛନ୍ତି। ୧୭ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଆଧାର କରି କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଗତ ୨୦୧୫ ମସିହାରେ ରେଙ୍ଗାଲି ଥାନା ଅଞ୍ଚଳ ନାବାଳିକାକୁ ଭୀଷ୍ମ ବଳାତ୍କାର କରି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ସେହିଦିନ ୩ ଜଣ ନାବାଳିକା ଇଟା ଭାଟିରେ କାମ ସାରି ପାଉଣା ନେଇ ଘରକୁ ଫେରୁଥିଲେ। ଆସିବା ବାଟରେ ଥିବା ଜଙ୍ଗଲରେ ଅଭିଯୁକ୍ତ ପ୍ରଥମେ ପୀଡ଼ିତାଙ୍କ ସାଙ୍ଗକୁ ଟଣାଓଟରା କରିଥିଲା। କୌଶଳ କ୍ରମେ ସେ ସେଠାରୁ ଖସି ପଳାଇଥିଲେ। ପରେ ଅଭିଯୁକ୍ତ ପୀଡ଼ିତା ନାବାଳିକାକୁ ଧରି ଜଙ୍ଗଲ ଭିତରକୁ ନେଇଯାଇଥିଲା। ସେଠାରେ ତାକୁ ବଳାତ୍କାର କରିବା ପରେ ତଣ୍ଟି ଚିପି ମାରିଦେଇ ସେଠାରୁ ଫେରାର ମାରିଥିଲା। ଦୁଇ ଜଣ ସାଙ୍ଗ ଏ ବାବଦରେ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ମୃତ ଦେହ ପାଇବା ପରେ ପୁଲିସକୁ ଖବର ଦେଇଥିଲେ। ଏନେଇ ପୁଲିସ ବଳାତ୍କାର ଓ ହତ୍ୟା ଅଭିଯୋଗରେ ମାମଲା ରୁଜୁ କରିଥିଲା। ସ୍ପେସାଲ ପିପି ସନ୍ତୋଷ କୁମାର ପଣ୍ଡା ଏହି ମାମଲାର ପରିଚାଳନା କରିଥିଲେ।













# ଛାତ୍ରୀଙ୍କୁ ଅସଦାଚରଣ, ଅଧାପକ ଗିରଫ

**ନାକଟିଦେଉଳ, ୫।୨(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଜୁନିଅର କଲେଜର ଯୁକ୍ତ ଦୁଇ ଛାତ୍ରୀଙ୍କୁ ସେହି କଲେଜର ଅଧାପକ ବାରମ୍ବାର ଅସଦାଚରଣ କରିବା ବାରମ୍ବାର ମାନସିକ ଓ ଶାରିରିକ ନିର୍ଯାତନା ଦେବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ତେବେ ଏହି ଘଟଣା ରେ ବିଦ୍ୟାଳୟର ଅଧାପକ ସଂଜୀବ୍ କୁମାର ଦାଶ୍(୫୦) ଙ୍କୁ ପୁଲିସ୍ ଗିରଫ କରିଛି। ଛାତ୍ରୀଙ୍କ ଅଭିଯୋଗ ଅନୁସାରେ ପ୍ରାୟ ଦେଢ ମାସ ଧରି ଅଧାପକ ବାରମ୍ବାର ଛାତ୍ରୀଙ୍କୁ ଏଭଳି କରୁଥିବା ନେଇ ସ୍କୁଲ ଅଧକ୍ଷଙ୍କୁ ମଧ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତି କରି ଅଧାପକଙ୍କ ବିରୁଦ୍ଧରେ ନାକଟିଦେଉଳ ଥାନାରେ କେସନଂ୨୨/୨୪ରେ ଏକ ମାମଲାରୁଜୁ ହୋଇଛି। ଅଭିଯୋଗ କ୍ରମେ ଗତ ଡିସେମ୍ବର ୨୪ ତାରିଖ କଲେଜରରେ ବାର୍ଷିକ ମହୋତ୍ସବ ଥିଲା। ସେଦିନ ଅଧାପକ ସଂଜୀବ କୁମାର ଦାଶ ମୋ ସହ ଅନ୍ୟ ଦୁଇ ଜଣ ଛାତ୍ରୀଙ୍କୁ ଲେବ୍ରୋଟୋରୀକୁ ପଠାଇଥଲେ। ସେଠାରେ ଅନ୍ୟ ଦୁଇ ଜଣ ଛାତ୍ରୀଙ୍କ ସହ ମୋତେ ସଫା କରିବାକୁ କହିଥଲେ। କିଛି ସମୟ ପରେ ଅଧାପକ ଦୁଇ ଜଣ ଛାତ୍ରୀଙ୍କୁ ସେଠାରୁ ଅନ୍ୟତ୍ର ଚାଲିଯିବା ପାଇଁ କହିଥିଲେ। ମୋତେ ଏକୁଟିଆ ଦେଖି ଖରାପ ଇଙ୍ଗୀତ କରି ମୋ ଦେହର ବିଭନ୍ନ ସ୍ଥାନରେ ହାତ ମାରିଥିବା ସେ ଅଭିଯୋଗ କରିଛନ୍ତି। ସେହି ଦିନରୁ ଅଧାପକ ଛାତ୍ରୀଙ୍କୁ ବାରମ୍ବାର କ୍ଲାସରେ ଅସଦାଚରଣ କରିଥିଲେ। ଛାତ୍ରୀ ହଷ୍ଟେଲରେ ରହୁଥିବାରୁ କାହାକୁ କିଛି ଜଣାଇବା ପାଇଁ ସାହାସ କରିନଥିଲେ। ପେର ଦେହ ଖରାପ ହେବାରୁ ଘରକୁ ଛୁଟିରେ ଯାଇଥିଲେ। ଘରକୁ ଗଲା ପରେ ମଧ ଅଧାପକ ବାରମ୍ବାର କଲ କରୁଥିଲେ। ଏ ସମସ୍ତ କଥା ଏହି ମାସ ୨ ତାରିଖ ଦିନ କଲେଜରେ ସେ ଜଣାଇଥିଲେ। କଲେଜର କିଛି ସମାଧାନ ନହେବାରୁ ଛାତ୍ରୀ ଜଣଙ୍କ ପରିବାରକୁ ସବୁ କଥା କହିଥିଲେ। ନ୍ୟାୟ ପାଇବା ଆଶାରେ ଆଜି ନାକଟିଦେଉଳ ଥାନରେ ଛାତ୍ରୀଜଣଙ୍କ ଏତଲା ଦେଇଛନ୍ତି। ଦୋଷୀ ଉପରେ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ନେହୁରା ହୋଇଛନ୍ତି। ଅଧାପକଙ୍କ ଖରାପ ଦୃଷ୍ଟି ଯୋଗୁଁ ଛାତ୍ରୀ ଜଣଙ୍କ ଭୟଭୀତ ହୋଇ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଉ ପାଠ ନପଢ଼ିବା ପାଇଁ ଏବଂ ଅନ୍ୟ କଲେଜ୍ ରେ ପାଠ ପଢ଼ିବା ପାଇଁ ଆବେଦନ କରିବା ସହ ଅସଦାଚରଣ କରୁଥିବା ଅଧାପକଙ୍କ ବିରୋଧରେ ଆଜି ଏହି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ରେଢାଖୋଲ ଏସଡିପିଓ ପ୍ରଶାନ୍ତ କୁମାର ମେହେର ଘଟଣାର ତଦନ୍ତ କରିଛନ୍ତି। ଦଫା ୩୪୧, ୩୫୪ଏରେ ମାମଲା ରୁଜୁ କରି ଅଧାପକଙ୍କୁ ଗିରଫ କରିଛି ପୁଲିସ୍। ତେବେ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ଜଣାପଡ଼ିଛି।



## ଗୁଜରାଟରେ ଜୁହାର ପରିବାର ପକ୍ଷରୁ ପୁଷ୍‌ପୁନି ଉତ୍ସବ

**ବରଗଡ଼, ୫।୨(ସମିସ):** ଗୁଜରାଟର ବଡୋଦରା ସହରଠାରେ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କ ମହାନ ଗଣପର୍ବ ପୁଷପୁନି ଭେଟଘାଟ ଶ୍ରୀ ବିନାୟକ ଫାର୍ମଠାରେ ଅନୁଷ୍ଠିତ ହୋଇଯାଇଛି। ଭେଟଘାଟ ଖୁବ୍ ଉତ୍ସାହ ଉଦ୍ଦୀପନା ସହ ଜୁହାର ପରିବାର ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ସୁନୀଲ ନାଏକ, ସମ୍ପାଦକ ମନୋଜ ମିଶ୍ର, ଅମୀୟ ପୂଜାରୀ, ଡ଼.ଅନନ୍ତ ମିଶ୍ର ଏବଂ ସଚିନ ଶର୍ମାଙ୍କ ତତ୍ତ୍ୱାବଧାନରେ ପଶ୍ଚିମ ଓଡିଶାର ପାରମ୍ପାରିକ ଖାଦ୍ୟ, ନାଚଗୀତ ସହ ଅର୍ଚ୍ଚନା ପଣ୍ଡାଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ଖେଳ ଆୟୋଜନ କାର୍ଯ୍ୟକ୍ରମକୁ ଆହୁରି ଶୋଭା ମଣ୍ଡିତ କରିଥିଲା। ବଡୋଦରାର ଜୁହାର ପରିବାର ଏହିପରି କାର୍ଯ୍ୟକ୍ରମ କରି ସମସ୍ତ ପ୍ରବାସୀ ପଶ୍ଚିମ ଓଡିଶାବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି ବକ୍ତାମାନେ କହିଥିଲେ। ଜଗନ୍ନାଥ ଦାଶ, ସୁରେନ୍ଦ୍ର ବାରିକ, ଗୋପୀନାଥ ପଣ୍ଡା, ବିଦ୍ୟାଧର ଦାଶ, ବିଜୟ ବିଶି, ଭରତ ସାହୁ, ସୁଶାନ୍ତ ପାଢ଼ୀ ଓ ସୌମ୍ୟ ଠାକୁର ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ଖେଳର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



# ଚିକିତ୍ସା ଅଭାବରୁ ବିପନ୍ନରେ ପ୍ରାଣୀଧନ

**ବରଗଡ଼, ୫।୨(ସମିସ)**

ଚାରି ଦଫା ଦାବି ପୂରଣ ନେଇ ଦୀର୍ଘ ଦିନ ହେବ ପ୍ରାଣୀ ଚିକିତ୍ସକମାନେ ଛୁଟିରେ ରହିଥିବା ବେଳେ ବରଗଡ଼ ଜିଲ୍ଲାରେ ଏହାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ପ୍ରାଣୀ ଚିକିତ୍ସକମାନେ

**ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ**

**ଜିଲ୍ଲାପାଳଙ୍କୁ ଏସ୍‌ଏଚ୍‌ଜି ମହିଳାଙ୍କ ସ୍ମାରକପତ୍ର**

ଛୁଟିରେ ଥିବା ବେଳେ ଚିକିତ୍ସା ଅଭାବରୁ ଜିଲ୍ଲାରେ ଗୋରୁଗାଇ, ଛେଳି କୁକୁଡ଼ା ଆଦିଙ୍କ ଅବସ୍ଥା ବେହାଲ୍ ହୋଇପଡ଼ିଛି। କେତେକ ସ୍ଥଳରେ କୁକୁଡ଼ାମାନେ ରୋଗାକାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହୋଇଛି। ଫଳରେ କୃଷିପ୍ରଧାନ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାଣୀଧନ ବିପନ୍ନରେ ଥିବା ଅଭିଯୋଗ ହେଉଛି।

ଗତ ମାସ ୧୮ ତାରିଖରୁ ଚାରି ଦଫା ଦାବି ନେଇ ପ୍ରାଣୀ ଚିକିତ୍ସକ ସେବା ସଂଘ ତରଫରୁ ଆନ୍ଦୋଳନ ଡକରା ଦିଆଯିବା ସହ ସାମୂହିକ ଛୁଟିରେ ରହିଛନ୍ତି। ଯାହାକୁ ନେଇ ବରଗଡ଼ ଜିଲ୍ଲାରେ ଗୋରୁଗାଇ ଛେଳି,





କୁକୁଡ଼ା ଆଦିଙ୍କ ଚିକିତ୍ସା ସେବାରେ ବ୍ୟାହତ ହେଉଥିବା ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଚିକିତ୍ସା ସୁବିଧା ନ ପାଇ ରୋଗାକାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିବା ସହ କୁକୁଡ଼ା ଚାଷ, ଛେଳି ଚାଷ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ପରମାନପୁର ଶ୍ରୀ ଗୌରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସରକାରୀ ସହାୟତାରେ କୁକୁଡ଼ା ଚାଷ କରିଥିଲେ। ତେବେ ଦୀର୍ଘ ଦିନ ହେବ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସେମାନେ ଚାଷ କରିଥିବା କୁକୁଡ଼ାଗୁଡ଼ିକ ଠିକ ଭାବରେ ଚିକିତ୍ସା ପାଇ ନ ପାରି ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ କରୁଛନ୍ତି। ସେହିପରି ପିପିଲିପାଲି ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଛେଳି ଚାଷ କରିଥିବା ବେଳେ ବର୍ତ୍ତମାନ ରୋଗାକ୍ରାନ୍ତ ଛେଳିଙ୍କ ଚିକିତ୍ସା ହୋଇ ପାରୁ ନ ଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଶ୍ରୀମା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିହିତ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୃହପାଳିତ ପଶୁପକ୍ଷୀଠାରୁ ଆରମ୍ଭ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଦ୍ୱାରା କରାଯାଉଥିବା କୁକୁଡ଼ା, ଛେଳି ଚାଷ ଉପରେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନର ପ୍ରଭାବ ଦେଖିବାକୁ ମିଳିଛି। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## ସାଲେପାଲି ଚାଷୀ ମୃତ୍ୟୁ ଘଟଣା: ଅଭିଯୁକ୍ତ ଗିରଫ

**ଭେଡେନ, ୫।୨(ସମିସ):** ଭେଡେନ ଥାନା ସାଲେପାଲି ଗ୍ରାମର ଚାଷୀ ସାଧୁ ସାହୁଙ୍କ ଗତ ୨୯ ତାରିଖ ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସାଧୁର ପରିବାର ଲୋକେ ତାଙ୍କୁ ଗାଁର ମହାଜନ ସୁନାଧର ସାଥୁଆ ଓ ତାର ସାଙ୍ଗ ଶିଶିର ପଧାନ ବିଷ ପିଆଇ ମାରିଦେଇଥିବା ଅଭିଯୋଗ ଆଣି ଉଭୟଙ୍କୁ ଗିରଫ ଦାବିନେଇ ଧାରଣା ଦେଇଥିଲେ। ବରଗଡ ଉପଜିଲ୍ଲାପାଳ କୁମାର ନାଗଭୂଷଣ ଆସି ଧାରଣାରେ ବସିଥିବା ପରିବାର ଲୋକଙ୍କ ସହିତ ଆଲୋଚନା ପରେ ରାତ୍ର ୧୧ଟାରେ ଧାରଣା ଉଠିଥିଲା। ଏହି ଘଟଣାକୁ ନେଇ ସୁନାଧର ଜଣେ ବିଜେଡି ନେତା ହୋଇଥିବାରୁ ପୁଲିସ ଗିରଫ କରିବାରେ ବିଳମ୍ବ କରୁଥିବା ଅଭିଯୋଗ ମଧ୍ୟ କରିଥିଲେ ପରିବାର ଲୋକେ। ଆଜି ଘଟଣାର ୭ ଦିନପରେ ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ମୁଖ୍ୟ ଅଭିଯୁକ୍ତ ସୁନାଧର ସଥୁଆକୁ ହିରୋମୁଣ୍ଡରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦ୍ୱିତୀୟ ଅଭିଯୁକ୍ତ ଶିଶିର ପଧାନ ଏବେ ମଧ୍ୟ ଫେରାର ଅଛି। ସୁନାଧର ଥାନାକୁ ଆସି ଭେଡେନ ଥାନାରେ ଆତ୍ମସମର୍ପଣ କରିଥିବା ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

## ଭଟଲି ବରିଷ୍ଠ ନାଗରିକ ସଂଘର ବାର୍ଷିକ ସଭା

**ଭଟଲି, ୫।୨ (ସମିସ):** ରବିବାର ଭଟଲି ନିକଟସ୍ଥ କୋଇସିରା ନଦୀ ନିକଟସ୍ଥ ଗିରିଗୋବର୍ଦ୍ଧନ ପୀଠରେ ଭଟଲି ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସପ୍ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର, ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ଉପଦେଷ୍ଟା ରକ୍ଷାକାରୀ ବିଶି, ମୁଖ୍ୟଅତିଥି ପ୍ରଦ୍ୟୁମ୍ନ ପାଣିଗ୍ରାହୀ, ମହିଳା ସଂଘ ସଭାପତି ମାଧବୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଶଶି ଭୂଷଣ ସରାଫ, ସଂଗଠନ ସଂପାଦକ କେଦାର ମିଶ୍ର, ସଂପାଦକ ଗୋବିନ୍ଦ ଦାଶ, ଉପସଭାପତି ନିର୍ମଳ କିଶୋର କର, ଭଟଲି ବ୍ଲକ ସଭାପତି ବାଙ୍କାବିହାରୀ ମିଶ୍ର, ସଂପାଦକ ଜଗଦୀଶ ସାହୁ, ଉପସଭାପତି ସନ୍ତୋଷ ବନଛୋର, ସଂଗଠନ ସଂପାଦକ ଅକ୍ଷୟ ସାହୁ, କୋଷାଧ୍ୟକ୍ଷ ଘନଶ୍ୟାମ ସାହୁ ଯୋଗ ଦେଇଥିଲେ। ମୋତିଲାଲ ବନଛୋର, ମାଧବଚନ୍ଦ୍ର ନାୟକ, ଜାନକୀ ରାମ ପଣ୍ଡା, ସାଧୁ ବନଛୋର, ବସ୍ତୟ ପାଣିଗ୍ରାହୀ, ସନ୍ତୋଷ ସେଠ, ନରେନ୍ଦ୍ର ପଣ୍ଡା, ଭୀମସେନ ବାରିକ, ସତ୍ୟନାରାୟଣ ମିଶ୍ର, ଲେକୁ ପଟେଲ, କୃଷ୍ଣମୋହନ ସାହୁ, କଳାକାର ଅନନ୍ତ ବଡମାଲି ପ୍ରମୁଖ ଯୋଗ ଦେଇଥିଲେ। ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜରାଜ ସିଂ ପୁଟା ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ଅଧ୍ୟକ୍ଷ

**ପଦ୍ମପୁର, ୫।୨ (ସମିସ):** ବରଗଡ ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ୍ ଅଧ୍ୟକ୍ଷ ଭାବରେ ଗଜରାଜ ସିଂ ପୁଟାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ ଆଦିବାସୀ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ତଥା



ସାଂସଦ ଜୟରାମ ପାଙ୍ଗି ନିଯୁକ୍ତ କରିଛନ୍ତି। ଶ୍ରୀପୁଟା ୧୯୮୪ରୁ ବରତୁଣ୍ଡା ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଡା କୃପାସିନ୍ଧୁ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଜାମସେଟ ସେବା ସମବାୟ ସମିତିରେ ଦୁଇ ଥର ଡାଇରେକ୍ଟର ଭାବରେ ନିର୍ବାଚିତ ହୋଇ ୨୦୧୩ରୁ ସାତ ବର୍ଷ ପାଇକମାଳ ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ତୁଲାଇଥିଲେ। ସେ ଏକାଧାରରେ ସମାଜସେବୀ ଓ ବିଶିଷ୍ଟ ଜ୍ୟୋତିଷ ଭାବେ ସୁନାମ ରହିଛି। ବରଗଡ ଜିଲ୍ଲା ଆଦିବାସୀ ସେଲ ଅଧ୍ୟକ୍ଷ ନିଯୁକ୍ତ ହେବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଅନେକ କଂଗ୍ରେସ ନେତା ଓ ପ୍ରଶଂସକଙ୍କ ଶୁଭେଚ୍ଛାର ବାର୍ତ୍ତା ଆସୁଛି।

## ‘ଶ୍ରୀ ଶ୍ରୀନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟକୁ ସରକାର ହାତକୁ ନିଅନ୍ତୁ’

**ପାଇକମାଳ, ୫।୨ (ସମିସ):** ସଂଯୋଜକ କମିଟିର ଆହ୍ୱାନକ୍ରମେ ପାଇକମାଳ ଧର୍ମଶାଳାଠାରେ ସମାଜସେବୀ ତଥା ବରିଷ୍ଠ ନାଗରିକ ନନ୍ଦଲାଲ ତ୍ରିବେଦୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ବେଆଇନ ପରିଚାଳନା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ତେଣୁ ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନକୁ ସରକାରୀ ହାତକୁ ନେବା ପାଇଁ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇବାକୁ ନିଷ୍ପତ୍ତି ଗୃହୀତ ହୋଇଛି। ୧୫ ଦିନ ପରେ ସରକାର ଆବଶ୍ୟକତା ପଦକ୍ଷେପ ଗ୍ରହଣ ନକଲେ ଅନୁଷ୍ଠାନରେ ତାଲା ପକାଇ ଆନ୍ଦୋଳନ କରିବା ଏବଂ ଆଉ



ଏକ ନୃସିଂହନାଥ ମହାନିଦ୍ୟାଳୟ ନୂତନ ସୁରକ୍ଷା ସମିତି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ରାଜେନ୍ଦ୍ର ରାଉତ, ବଳରାମ ସାହୁ, ଡଃ ଚୈତନ୍ୟ ସାହୁ, ଶିକ୍ଷାବିତ ଗଜରାଜ ପାତ୍ର, ହୃଷିକେଶ ବରିହା, ଗିରିଶ ଡନସନା, ଯୁଧିଷ୍ଠିର ସାହୁ, ରମେଶ ପ୍ରଧାନ, ରାଧେଶ୍ୟାମ ସାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଶ୍ରୀଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ସମ୍ପାଦକ ମନୋଜ ତ୍ରିବେଦୀଙ୍କୁ ପଚାରିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ତଥା ସରକାରଙ୍କ ଆଦେଶ ଅନୁସାରେ ମହାବିଦ୍ୟାଳୟ ପରିଚାଳିତ ହେଉଛି, ବେଆଇନ ଭାବେ ଅନୁଷ୍ଠାନ ପରିଚାଳନା ହେଉଥିବା କଥା ମିଥ୍ୟା ଅଟେ ବୋଲି କହିଥିଲେ।

## ସଂସ୍କାର ଇଣ୍ଟରନ୍ୟାସ୍‌ନାଲ ସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ବରଗଡ଼, ୫।୨(ସମିସ):** ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ଏକ ମନୋଜ୍ଞ ପରିବେଶରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ‘ଏମରଜେନ୍ସ ସୋର ହାଏ’ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାଓ୍ୱଡ଼ିଆ ସର୍ବପ୍ରଥମେ ଭଗବାନଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍କୁଲର ଅଧ୍ୟକ୍ଷ, ଅଧ୍ୟକ୍ଷ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ବୋର୍ଡ ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାଳୟରୁ ଅର୍ଜନ କରୁଥିବା ଶିକ୍ଷାକୁ ଭବିଷ୍ୟତ ଜୀବନରେ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ମୃତିଫଳକ ପ୍ରଦାନ କରାଯାଇଥିବା ବେଳେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟରେ ଓ ଆବାସରେ ବିତାଇଥିବା ସମୟ ଏବଂ ଶିଖିଥିବା ବାସ୍ତବ ଶିକ୍ଷା ସମ୍ପର୍କରେ ଆଲୋକପାତ କରି ଧନ୍ୟବାଦ ଅର୍ପଣ କରିଥିଲେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ ତୁଳସୀ ସାହୁ, ତନୁସ୍କା ଅଗ୍ରୱାଲ, ପଲକ ବସନତାନି, ନିଷ୍ଠା ଜେନ ଏବଂ ନିହାରିକା ରେଖାନି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ସୁମନ ସାଓ୍ୱଡିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଡାଇରେକ୍ଟର ସିଦ୍ଧାର୍ଥ ସାଓ୍ୱଡିଆ, ଭାଇସ୍ ପ୍ରିନ୍ସିପାଲ ସଙ୍ଗୀତା ଶର୍ମା, ଏକାଡେମୀକ କୋଡ଼ିନେଟର ସୀମା ସାହୁ, କୋଡିନେଟର ସୁଶ୍ରୀ ରୀତା ନାୟକ, ମମତା



ସିହ୍ନା, ପରିଚାଳନା ସମିତିର ବବିତା ସାଓ୍ୱଡ଼ିଆ, ଆକାଶ ଅଗ୍ରୱାଲ, ମେଘା ସାଓ୍ୱଡ଼ିଆ, ରେଖା ନାୟକଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ପଦ୍ମପୁର, ୫।୨ (ସମିସ):** ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପିକା ସସ୍ମିତା ସାହୁ, ଆଭାମୟୀ ଶତପଥୀ, ସୁକୁମାରୀ ତାଣ୍ଡି ସହଯୋଗ କରିଥିଲେ। ଶ୍ରୁତି ମହାନ୍ତି, ଦୀପାଞ୍ଜଳି ଦୀପ, ନମ୍ରତା ତାଣ୍ଡି ପ୍ରଶିକ୍ଷଣ ଦେଇଥିଲେ। ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅମିତା ପତି ଧନ୍ୟବାଦ ଦେଇଥିଲେ।

ସେହିପରି ଜଗଦଲପୁର ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ବ୍ୟାପି ଆତ୍ମସୁରକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଅଶ୍ୱିନୀ ପାତ୍ରଙ୍କ ସଭାପତିତ୍ୱରେ ଶିବିରର ଉଦଯାପନୀ ସଭା ହୋଇଥିଲା। ଶିବିରରେ ୪୬ ଜଣ ଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ଅର୍ପିତା ପ୍ରଧାନ ପ୍ରଶିକ୍ଷଣ ଦେଇଥିବା ବେଳେ ବିଜ୍ଞାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ବାଗ ସହଯୋଗ କରିଥିଲେ।



## ଜାତୀୟ କବାଡ଼ି ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର, ୫।୨(ସମିସ):** ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ଆକାଂକ୍ଷା ଭୋଇ କବାଡି ଖେଳରେ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରି ଆଜି ପଦ୍ମପୁର ପହଞ୍ଚିବା ପରେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ଭେଡ଼ଁରିଆ ଛକଠାରେ ଫୁଲତୋଡା ଦେଇ ସ୍ୱାଗତ କରିବା ପରେ ତାଙ୍କୁ ସ୍କୁଲ ପର୍ଯ୍ୟନ୍ତ ବ୍ୟାଣ୍ଡବାଜା ଓ ପ୍ୟାରେଡ୍ ସହ ଛାତ୍ରୀମାନେ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପାଛୋଟି ଆଣିଥିଲେ। ସ୍କୁଲ ପରିସରରେ ପ୍ରଧାନଶିକ୍ଷକ ଗୋପାଲଜୀପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହ ଆଗାମୀଦିନରେ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ଉତ୍ସାହିତ କରିଥିଲେ। ଏହାର ଶ୍ରେୟ ସମସ୍ତ ଶିକ୍ଷକ ବିଶେଷକରି ଖେଳ ଶିକ୍ଷୟିତ୍ରୀ ନିଳୀମାରାଣୀ ମହାନ୍ତିଙ୍କ ଦିଗଦର୍ଶନକୁ ପ୍ରଶଂସା



କରିଥଲେ। ଆକାଂକ୍ଷା ଓଡିଶା ଦଳରୁ ପ୍ରତିନିଧିତ୍ୱ କରି ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ଜାମ୍ମୁକାଶ୍ମୀର ସହ କବାଡି ଖେଳିଛନ୍ତି। ଓଡିଶା ଦଳ ଆନ୍ଧ୍ର ଓ ତାମିଲନାଡୁଠାରୁ ପରାଜିତ ହେଲେ ମଧ୍ୟ ଜାମ୍ମୁକାଶ୍ମୀରକୁ ପରାଜିତ କରିଥିଲେ।

## ସନ୍‌ରାଇଜ କପ୍ କ୍ରିକେଟ୍ ଉଦ୍‌ଯାପିତ: ଭେଡ଼ଁରିଆ ଚାମ୍ପିଅନ

**ପଦ୍ମପୁର, ୫।୨(ସମିସ):** ଜମଲାରେ ଚାଲିଥିବା ୨୪ତମ ସନରାଇଜ୍ କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ମେଲଛାମୁଣ୍ଡା ଦଳକୁ ହରାଇ ଭେଡ଼ଁରିଆ ଦଳ ଚାମ୍ପିଅନ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ଅମୃତଲାଲ ମେହେର ମୁଖ୍ୟଅତିଥି ଏବଂ ରବିଶଙ୍କର ଭୋଇ, ପ୍ରତାପ ଜୁଏଡ଼ ଓ ଈଶ୍ୱର ପଟ୍ଟନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଭେଡ଼ଁରିଆ ଦଳର ଆୟୁଷଙ୍କୁ ମେନ ଅଫ ଦି ମ୍ୟାଚ ଓ ମେଲଛାମୁଣ୍ଡା ଦଳର ଅମନଙ୍କୁ ମେନ ଅଫ ଦି ସିରିଜ ପ୍ରଦାନ କରାଯାଇଥିଲା। ଅନ୍ତର୍ଯ୍ୟାମୀ, ଦିଲୀପ, ହନୁ, କୃପା ଓ ସନମ ଅମ୍ପାୟାରିଂ ଏବଂ ପ୍ରିୟବ୍ରତ, କ୍ଷିତିଶ ଓ ପ୍ରଦୀପ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ। ଶ୍ୟାମବନ୍ଧୁ, ରୂପକ ଓ ଦିଲୀପ ଧାରାବିବରଣୀ ପ୍ରଦାନ କରିଥିଲେ। ସନରାଇଜ କ୍ଲବର ରଜନୀ, ପିଣ୍ଟୁ, ପ୍ରଦୀପ, ରାଜୁ, ମଙ୍ଗଲୁ, ରାହୁଲ, ଜୁବଲୁ, ରିଷି, ଭାଗ୍ୟବାନ ଓ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ପାଳିତ

**ଥୁଆପାଲି, ୫।୨(ସମିସ):** ଭେଡ଼େନ ବ୍ଲକ୍ ପପଙ୍ଗା ପଞ୍ଚାୟତର ଶିଶୁ ବିଦ୍ୟାମନ୍ଦିରର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ପପଙ୍ଗା କଲୋନୀ ଠାରେ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଗୋଷ୍ଠୀ ଶିକ୍ଷାଧିକାରୀ ମଚ୍ଛିନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି କ୍ରାନ୍ତିକାରୀ କବି ହରିଲାଲ୍ ସାହୁ, ମୁଖ୍ୟବକ୍ତା ଭାବେ ଭାଷାବିତ୍, ସମୀକ୍ଷକ ଓ ଆଲୋଚକ ତଥା ଗବେଷକ ଉପେନ୍ଦ୍ର ଭୋଇ ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରମୋଦ ମେହେର ସଭାପତିତ୍ୱ କରିଥିଲେ। ସମ୍ପାଦକ କଟାପାଲି ମହାବିଦ୍ୟାଳୟର ଅଧ୍ୟାପକ ମନୋରଞ୍ଜନ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର କୋଷାଧ୍ୟକ୍ଷ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଶିଶୁ ଭାଇ ଭଉଣୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ଭେଡ଼େନ ରାମଲୀଳା ମହୋତ୍ସବ**

# ରାମ ବନବାସ, ରାବଣ-ମନ୍ଦୋଦରୀ ବିବାହ

**ଭେଡେନ, ୫।୨(ସମିସ)**

ଭେଡେନରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞ ଓ ବିରାଟ ରାମଲୀଳା ମହୋତ୍ସବର ଚତୁର୍ଥ ସନ୍ଧ୍ୟାର ନାଟ୍ୟାଭିନୟରେ ଅଯୋଧ୍ୟା ମଞ୍ଚରେ ରାମ, ଲକ୍ଷ୍ମଣ ଓ ସୀତା ବନବାସ ଅଭିନୀତ ହୋଇଥିଲା। ଏହାସହ ମହାରାଜା ଦଶରଥଙ୍କ ମୃତ୍ୟୁ ଏବଂ ପରବର୍ତ୍ତୀ ଦୃଶ୍ୟ ଅଭିନୀତ ହୋଇଥିବା ବେଳେ ଥାନା ସମ୍ମୁଖର ଲଙ୍କା ରାଜଦରବାରରେ ଦଶାନନ ରାବଣ ଦିଗବିଜୟ ଅଶ୍ୱ ପ୍ରେରଣ କରିଛନ୍ତି। ଅଶ୍ୱକୁ ମାୟାନଗରୀର ଅଧିପତି ମାୟାଦାନବ ଅଶ୍ୱକୁ ବାନ୍ଧି ରଖିଛନ୍ତି। ଏହା ଶୁଣି ରାବଣ କ୍ରୋଧରେ ଜର୍ଜରିତ ହୋଇ ମାୟାନଗରୀକୁ ଆକ୍ରମଣ କରି ମାୟାଦାନବକୁ ଯୁଦ୍ଧରେ ପରାସ୍ତ କରି ତାଙ୍କୁ ଅଧୀନତା ସ୍ୱୀକାର କରିବା ପାଇଁ ବାଧ କରିଛି ରାବଣ ହେଲେ ମାୟାଦାନବ ତାଙ୍କ ଅଧୀନତା ସ୍ୱୀକାର ନକରି ବନ୍ଧୁତା ସ୍ଥାପନ କରି ନିଜ କନ୍ୟା ମନ୍ଦୋଦରୀକୁ ଦଶାନନ ରାବଣ ସହିତ ବିବାହ କରିଛି। ରାବଣ ମହାରାଣୀ ମନ୍ଦୋଦାରୀଙ୍କୁ ନେଇ ଲଙ୍କା ନଗରୀକୁ ଫେରିଛନ୍ତି।





ଆଯୋଧ୍ୟା ମଞ୍ଚରେ ସଙ୍ଗୀତ ପରିଚାଳନା ଗୋକୁଳ ମିର୍ଧା, ନିରଞ୍ଜନ ମିର୍ଧା, ଆନନ୍ଦ ସେନାପତି, ପ୍ରେମାନନ୍ଦ ସେନାପତି ଦାୟିତ୍ୱ ତୁଲାଉଥିବା ବେଳେ ଅଯୋଧ୍ୟା ମଞ୍ଚ ପରିଚାଳନା ସରୋଜ ମିଶ୍ର ଓ ଚିନ୍ମୟ ନାୟକ ଦାୟିତ୍ୱ ତୁଲାଉଛନ୍ତି।

ରାଜଦରବାରରେ ରାଜଅତିଥି ଭାବରେ ଭେଡେନ ଅତିରିକ୍ତ ତହସିଲଦାର ଦେବାନନ ସାହୁ ଯୋଗଦାନ କରିଥିଲେ। ରାବଣ ମଞ୍ଚ ପରିଚାଳନା ସରୋଜ ରଥ, ଚିତ୍ତରଞ୍ଜନ ମେହେର, ଘନଶ୍ୟାମ ଖେତି, ଦୀପକ ମେହେର, ମୁନା ମିଶ୍ର, ଖିତେଶ୍ୱର ବେହେରା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ବାବା ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ ପରିସରରେ ଚାଲିଥିବା ନବରାତ୍ର ଅଖଣ୍ଡ ଶ୍ରୀହରି ନାମଯଜ୍ଞରେ ଶତାଧିକ ଭକ୍ତଙ୍କ ସମାବେଶ ସହ ସଂକୀର୍ତ୍ତନ ଦଳ ଯୋଗଦାନ କରିଥିଲେ।

## ଘେଁସ ମହାବିଦ୍ୟାଳୟ ପକ୍ଷରୁ ହୀରାକୁଦରେ ସଫେଇ

**ଘେଁସ, ୫।୨(ସମିସ):** ଘେଁସ ମହାବିଦ୍ୟାଳୟ ଅର୍ଥନୀତି ବିଭାଗୀୟ ଛାତ୍ରଛାତ୍ରୀମାନେ ହୀରାକୁଦରେ ତଥା ଆଖପାଖ ଅଞ୍ଚଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଛନ୍ତି। ଗତ ରବିବାର କଲେଜର ଛାତ୍ରଛାତ୍ରୀମାନେ ପିକନିକ ଯାଇ ଅଧ୍ୟାପକ ଗୌତମ ସାମଲଙ୍କ ତତ୍ତ୍ୱାବଧାନରେ ସେଠାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ବଣଭୋଜି ସ୍ଥାନ ମଇଳା ହୋଇଥିବା ଦେଖି ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ କ୍ଷୋଭ ପ୍ରକାଶ କରିବା ସହ ସଫେଇ କାର୍ଯ୍ୟ କରିଥିଲେ। ଛାତ୍ରଛାତ୍ରୀମାନେ ଆଗକୁ ମଧ୍ୟ ଯେ କୌଣସି ସ୍ଥାନକୁ ବଣଭୋଜି ପାଇଁ ଯିବେ ପ୍ରଥମେ ସେହି ସ୍ଥାନରେ ସଫେଇ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।



ଅଧ୍ୟାପକ ସାମଲ ଛାତ୍ରଛାତ୍ରୀମାନେଙ୍କୁ ବଣଭୋଜିସ୍ଥଳରେ ପରିବେଶ ପ୍ରଦୂଷଣ ତଥା ସ୍ୱଚ୍ଛତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ।

ସକାଳ
THE SAKALA



## ମିଗ୍‌ଜୋମ ପ୍ରଭାବରେ ଫସଲ କ୍ଷତି
# କ୍ଷତିପୂରଣ ନେଇ ତ୍ରିପାକ୍ଷିକ ଆଲୋଚନା

**ବରଗଡ଼, ୫।୨(ସମିସ)**

ବିଗତ ଦିନରେ ସାମୁଦ୍ରିକ ଝଡ ମିଗଜୋମ ପ୍ରଭାବରେ ବରଗଡ଼ ଜିଲ୍ଲାରେ ବ୍ୟାପକ ଫସଲ ହାନି ହୋଇଥିଲା। ଠିକ ଫସଲ ଅମଳ ସମୟରେ ମିଗଜୋମ ଯୋଗୁଁ ୨୯ ମିଲିମିଟର ବର୍ଷା ହୋଇଥିବା ବେଳେ ଜିଲ୍ଲାରେ ଧାନ ତଥା ପନିପରିବା ଚାଷ ଉଜୁଡି ଯାଇଥିଲା। ବିଶେଷକରି ଧାନ ଅମଳ ସମୟ ଥିବାରୁ ସର୍ବାଧିକ ଧାନ ପ୍ରଭାବିତ ହୋଇଥିଲା ଏବଂ ମାତ୍ର ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇଥିଲା ବେଳେ ସର୍ବାଧିକ ଧାନ କଟା ହୋଇ କ୍ଷେତରେ ପଡ଼ିଥିବା କାରଣରୁ ଚାଷୀମାନଙ୍କ ସର୍ବାଧିକ କ୍ଷୟକ୍ଷତି ହୋଇଥିଲା। ଯାହାକୁ ନେଇ ସୋମବାର ବରଗଡ଼ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଲଲାଟ ଲୁହାଙ୍କ ସଭାପତିତ୍ୱରେ ଜିଲ୍ଲା ପ୍ରଶାସନ, ବୀମା କଂପାନୀ ଏବଂ କୃଷକ ସଂଗଠନ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା।

ମିଗଜୋମ ପରେ ହୋଇଥିବା ଫସଲ କ୍ଷତି ପରେ ଆରଆଇ, ତହସିଲଦାର ଏବଂ ଅନ୍ୟାନ୍ୟ ଅଧିକାରୀମାନେ କ୍ଷେତକୁ କ୍ଷେତ ବୁଲି ବରଗଡ଼




ଜିଲ୍ଲାରେ ୪୧ ହଜାର ହେକ୍ଟର ଜମି କ୍ଷତି ରିପୋର୍ଟ ଜିଲ୍ଲାପାଳ ପଠାଇଥିଲେ। ହେଲେ ମାତ୍ର ୪୦୦ ହେକ୍ଟର ଜମିର କ୍ଷତିପୂରଣ ଟଙ୍କା ଚାଷୀମାନେ ପାଇଛନ୍ତି। ଫସଲ ବୀମା କ୍ଷତିପୂରଣ ୧୦ ଦିନ ମଧ୍ୟରେ ଆକଳନ କରିବା ସହ ୧୫ ଦିନ ମଧ୍ୟରେ କ୍ଷତିପୂରଣ ଚାଷୀଙ୍କୁ ଦେବାର ନିୟମ ଅଛି। ହେଲେ କମ୍ପାନୀ ପକ୍ଷରୁ ଆଜି ମଧ୍ୟ କ୍ଷୟକ୍ଷତି ଆକଳନ ଚାଲିଥିବାରୁ କୃଷକ ସଂଗଠନ ପକ୍ଷରୁ ଏହି ବୈଠକରେ କ୍ଷୋଭ ପ୍ରକାଶ କରାଯିବା ସହ ସାତ ଦିନ ମଧ୍ୟରେ କ୍ଷତିପୂରଣ ନ ଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦିଆଯାଇଥିଲା। ଏ ଅବସରରେ ବରଗଡ଼ ଜିଲ୍ଲାରେ ଫସଲ ବୀମା ବନ୍ଦ କରି ସରକାର ପ୍ରିମିୟମ ଟଙ୍କା ଚାଷୀଙ୍କୁ ଦିଅନ୍ତୁ ବୋଲି ଚାଷୀ ସଂଗଠନ ତରଫରୁ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଲୁହା ଇନପୁଟ ସବସିଡି ପ୍ରସଙ୍ଗରେ କେବଳ ଠିଆ ଧାନର ସହାୟତା ମିଳିଛି, ଯଦି ପେଟା କୁହାକୁ ମଧ୍ୟ ରିଲିଫ କୋଡ୍‌ରେ ସାମିଲ କରାଯାଏ ତାହାହେଲେ ସମସ୍ତ କ୍ଷତିଗ୍ରସ୍ତ ଚାଷୀ କ୍ଷତିପୂରଣ ପାଇବେ ବୋଲି କହିଥିଲେ। ସେଦିଗରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ପ୍ରକାଶ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅମୀୟ ସାହୁ, ପରିସଂଖ୍ୟାନ ସହାୟକ ନିର୍ଦ୍ଦେଶକ ସୋନାଲିକା ସାହୁ ଓ ବିଭାଗୀୟ ଅଧିକାରୀ, ରିଲାଏନ୍ସ ବୀମା କଂପାନୀର ଜିଲ୍ଲା କୋଡିନେଟର ମାନସ ମହାରଣା, ରବି କୁମାରଙ୍କ ସମେତ ସଂଯୁକ୍ତ କୃଷକ ସଂଗଠନ ବରଗଡ଼ର ବିଭିନ୍ନ ବ୍ଲକରୁ ସୁଦାମ ପାତ୍ର, ବିରେନ କର, ଦିଲୀପ ସାହୁ, ଇଶାନ୍ତ ଭୋଇ, ପ୍ରଭାତ ସାହୁ, ଅଭିନାଶ ପଟେଲ, ମହେନ୍ଦ୍ର ନାଗ, ଚିତ୍ରସେନ ଭୋଇ, ବିକାଶ ପଧାନ ଏବଂ ରମେଶ ମହାପାତ୍ର ଯୋଗ ଦେଇଥିଲେ।

## ପଥର ବୋଝେଇ ଟ୍ରାକ୍ଟର ଜବତ

**ପଦ୍ମପୁର, ୫।୨ (ସମିସ):** ପଦ୍ମପୁର ବନଖଣ୍ଡର ଭାଙ୍ଗମୁଣ୍ଡା ପିଆରଏଫରୁ ବେଆଇନ ଭାବରେ ପଥର ଚାଲାଣ କରୁଥିବା ଏକ ସୋନାଲିକା ଟ୍ରାକ୍ଟରକୁ ବନ ବିଭାଗ ଜବତ କରିଛି। ଜଗଲପାଟ ଗ୍ରାମର ଡ୍ରାଇଭର ଦେିତାରୀ ସାକୁ ଅଟକ ରଖାଯାଇଛି। ଟ୍ରାକ୍ଟରରେ ବୋଝେଇ ଥିବା ପଥରର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି। ଏହି ଚଢଉରେ ଡେପୁଟୀ ରେଞ୍ଜର ସୁଦାମ ଜଗଦଲା, ବନପାଳ ଅଶ୍ୱିନୀ ଭୋଇ, ଶାନ୍ତନୁ ପ୍ରଧାନ, ସ୍କ୍ୱାଡ୍ ମନ ଥେଟୁଆ, କେଶରଞ୍ଜନ ବୁଡେକ ସାମିଲ ଥିଲେ।



ପଦ୍ମପୁରକୁ ସ୍ୱତନ୍ତ୍ର ଜିଲ୍ଲା ଦାବିନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରାଯିବା ସହ ଗଣଧାରଣା ଜାରି ରଖାଯାଇଛି।

# ରାଜ୍ୟ ସ୍ତରରେ ବରଗଡ଼ ଜିଲ୍ଲା ଜୁନିଅର୍ ରେଡକ୍ରସ୍ ସ୍ୱେଚ୍ଛାସେବୀଙ୍କ ସଫଳତା

**ବିଜେପୁର, ୫।୨(ସମିସ):** ଭାରତୀୟ ରେଡକ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ




ରାଜ୍ୟ ଜୁନିଅର୍ ରେଡକ୍ରସର ଭୁବନେଶ୍ୱରରେ ପଞ୍ଚଦିବସୀୟ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିରରେ ବରଗଡ଼ ଜିଲ୍ଲାର ଜୁନିଅର୍ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ସଫଳତା ସହ ଯୋଗଦାନ କରି ବରଗଡ଼ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆୟୋଜିତ ହୋଇଥିବା ନଅଟି ପ୍ରତିଯୋଗିତାରୁ ଦୁଇଟି ପ୍ରତିଯୋଗିତାରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ବଡବ୍ରାହ୍ମଣି ହାଇସ୍କୁଲର ସ୍ୱେଚ୍ଛାସେବୀ ପ୍ରଭାତ ରଞ୍ଜନ ଖମାରୀ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦଳଗତ ପ୍ରତିଯୋଗିତାରେ ତେନ୍ତୁଲିଟିକିରା ହାଇସ୍କୁଲର ଶ୍ରୀଲକ୍ଷ୍ମୀ ଜାଲ, ହଂସିନି ଜାଲ, ଅଞ୍ଜୁ ଜାଲ ଏବଂ ଝାନ୍‌ସି ପଧାନ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଅତିଥିଙ୍କଠାରୁ ପ୍ରମାଣ ପତ୍ର ଓ ବିଜୟ ସ୍ମାରକ ପାଇ ପୁରସ୍କୃତ ହୋଇଛନ୍ତି। ଏହି ପ୍ରତିଯୋଗୀ ବିଜେପୁର ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗଣ୍ଡିଆପାଲିର ଜୁନିଅର୍ ରେଡକ୍ରସ୍ ସଂଯୋଜକ ତଥା ଫାଷ୍ଟ ଏଡର ହେମନ୍ତ ସାମଲ ଓ ମାନପୁର୍ ହାଇସ୍କୁଲର ଗାଇଡ ଜୁନିଅର୍ କାଉନସିଲର ସବିତା ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୋଗ ଦେଇଥିଲେ। ନୈତିକ ପଧାନ, ସୁପ୍ରୀତି ସାହୁ, ସମୀକ୍ଷା କୁଅଁର, ବୈଶାଳୀ ବେହେରା,ସୋନମ୍ ବେହେରା ଏବଂ ସୀତୁ ସରାପ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିଅର୍ ରେଡକ୍ରସ୍ ଅଧ୍ୟକ୍ଷ ଶ୍ରୀଯୁକ୍ତ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଜୁନିଅର୍ ରେଡକ୍ରସର ସମ୍ପାଦକ ରାଧାକାନ୍ତ ଛତ୍ରୀ, ଜିଲ୍ଲା ଜୁନିୟର ରେଡ଼କ୍ରସ୍ ଅଫିସର ମହେନ୍ଦ୍ର ଆଚାର୍ଯ୍ୟ, ପୂର୍ବତନ ଖେଳ ନିରୀକ୍ଷକ ଆଶୁତୋଷ ଦେ, ଜୁନିୟର ରେଡ଼କ୍ରସ୍ ପରାମର୍ଶଦାତା ଧର୍ମରାଜ୍ ପ୍ରଧାନ, ମନୋଜ ସାହୁ ତଥା ଅନ୍ୟାନ୍ୟ ବୁଦ୍ଧିଜୀବୀ ଜୁନିଅର ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା ସମାବେଶ

**ସୋହେଲା/ମେଲଛାମୁଣ୍ଡା, ୫।୨(ସମିସ):** ଚେତନା ମଣ୍ଡପରେ ସୋହେଲା ପଞ୍ଚାୟତ ତରଫରୁ




ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଭଟଲି ବିଧାୟକ ସୁଶାନ୍ତ ସିଂହ, ସମ୍ମାନିତ ଅତିଥିଭାବରେ ଜିଲ୍ଲା ପରିଷଦ ସଭ୍ୟା ରୋଜି ନାଏକ, ଜାଇଫୁଲ ସିଂ ବରିହା ଓ ମିତା ବିଶି, ନୋଡାଲ ଅଫିସର ସୁରେନ୍ଦ୍ର ବେହେରା ତଥା ସରପଞ୍ଚ ସଞ୍ଜୁ ଝାଙ୍କର ଯୋଗ ଦେଇଥିଲେ। ଏବିଡିଓ ଭିର୍ଜିଲ ଲାକ୍ରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଜିଆରଏସ ତପୋବନ୍ତ ମହାପାତ୍ର। ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ସୋହେଲା ପାଙ୍କ ସଭାପତି ମନ ମାଝି, ବିଜୁ ଜନତା ଦଳର ଜିଲ୍ଲା ଉପସଭାପତି ନିଲୁ ଝାଙ୍କର ଏବଂ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଫଲସାପାଲି ହାଇସ୍କୁଲ ପଡିଆ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ଗ୍ରାମପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ରଂଜିତ ସିଂହ ବରିହା, ଫଲସାପାଲି ସରପଞ୍ଚ ଭାସ୍କର ଭୁଏ, ସମିତିସଭ୍ୟ ଅମିଲାଲ ଭୁଏ, ନାଇବ ସରପଞ୍ଚ ବେଦମତି ଭୁଏ, ବିଏସଏସଇଓ ପଦ୍ମପୁର, ମେଲଛାମୁଣ୍ଡା ସରପଞ୍ଚ ଓ ଜ୍ଞାନ ସରପଞ୍ଚ ଅତିଥି ଭାବରେ ଯୋଗଦାନ କରିଥିଲେ। ସମସ୍ତ ଏସଏଚଜି, ଏମବିକେ, ସିଆରପି ଏବଂ ସମସ୍ତ ଜନସାଧାରଣ ଯୋଗଦାନ କରିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



## ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଟଲି, ୫।୨(ସମିସ):** ନାରୀମାନେ ଆଜିର ଦିନରେ ବହୁତ୍ ଆଗରେ ଅଛନ୍ତି। ଏପରିକି ଦେଶର ସର୍ବୋଚ୍ଚ ଆସନରେ ମଧ୍ୟ ଜଣେ ନାରୀ ହିଁ ଅବସ୍ଥାପିତ। ତେଣୁ ଛାତ୍ରୀମାନେ ଧିମେଇ ନ ଯାଇ ଆଗକୁ ବଢ଼ି ଚାଲିବା ଉଚିତ୍ ବୋଲି ଭଟଲି ସତୀହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ଅବସରରେ ମତ ପ୍ରକାଶ ପାଇଛି। ସୋମବାର ଏହି ଉତ୍ସବରେ ବିଇଓ ସରୋଜ ଭୁଏ ମୁଖ୍ୟଅତିଥି, ପୂର୍ବତନ କ୍ରୀଡା ଶିକ୍ଷୟିତ୍ରୀ ତୃପ୍ତା ବାବୁ, ସରକାରୀ ଉଚ୍ଚ ବିଦ୍ୟାଳୟ, ବଡମାଳର ପ୍ରଧାନଶିକ୍ଷକ ଅଶୋକ ତନସନା, ଭଟଲି ସିଆରସିସି ଲୋକନାଥ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଡାଲେଶ୍ୱରୀ ପଟେଲ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଗଣିତ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମହାନନ୍ଦ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡାରେ ଓ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଂସ୍କୃତ ଶିକ୍ଷୟିତ୍ରୀ ଅନିମା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ନୀଳାମ୍ବର ପଟେଲ, ଲୋକରାମ ପଧାନ, ଅଭୟଜିତ ଭୋଇ, ଜ୍ଞାନ ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ବନ୍ଦିତା ପଧାନ, ସ୍ୱପ୍ନା ସାହୁ, ଶ୍ରାବଣୀ ଭୋଇ ଓ କର୍ମଚାରୀ ସହଯୋଗ କରିଥିଲେ।




# ଜାଗୃତି ପ୍ରତିବେଶୀ ମହିଳା ସମିତି ଗଠିତ

**ବରଗଡ଼, ୫।୨(ସମିସ):** ବରଗଡ଼ ବିଞ୍ଝାଲପଡ଼ା,୫ ନଂ ୱାର୍ଡରେ ସଭାପତି ମିନା ସାହୁଙ୍କ ଉଦ୍ୟମକ୍ରମେ ପୁନଃ ଜାଗୃତି ପ୍ରତିବେଶୀ ମହିଳା ସମିତି ଗଠିତ ହୋଇଛି। ଗତ ୧୯୯୮ରେ ଏହି ସମିତି ଗଠିତ ହୋଇ କୌଣସି କାରଣରୁ ସ୍ଥାଣୁ ଅବସ୍ଥାରେ ଥିବାରୁ ସଭାପତି ମୀନା ସାହୁ ଓ ସମ୍ପାଦକା ଦୀପ୍ତିମୟୀ ସାହୁଙ୍କ ତତ୍ତ୍ୱାବଧାନରେ ସମାଜର ଅବହେଳିତ ମହିଳା ଓ ପୁରୁଷଙ୍କୁ



ସେବା ଯୋଗାଇ ଦେବା ତଥା ବରଗଡ଼ର ଉନ୍ନତି କରିବା ଲକ୍ଷ୍ୟରେ ଏହି ସମିତିକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଥିବା କୁହାଯାଇଛି। ଉପସଭାପତି ରୀନା ରଥ, କୋଷାଧ୍ୟକ୍ଷା ରବିନା ବାଗ, ସହସମ୍ପାଦିକା ହୀରା ଭୁଏ, ସଭ୍ୟା ଶ୍ରାବଣୀ ବାଗ, ରୁକୁଣି ବିଶ୍ୱାଳ, କିଶୋରୀ ପାତ୍ର, ଫୁଲ ବରିହା, ସଂଜୁ ଭୁଏ, ଶେଷ ଭୁଏ, ଉମା ଭୁଏ, ସୁଜାତା ଦାଶ, ଲଳିତା ଦାଶ, ଗୀତା ଭୁଏ, ମଙ୍ଗଳୀ ରାଉତ, ପଦ୍ମ ରାଉତ, ଆଶା ପୋଡ଼, ସୌରୀ ବରିହା, ଭାମା ବରିହା, ପ୍ରଭାତୀ ସାହୁ, ସସ୍ମିତା ସାହୁ, ସଇଲା ସାହୁ, ସ୍ନେହସୁଧା ସାହୁ, ସୀମା ମହାନ୍ତି, ପ୍ରତିମା ଭୁଏ, ପ୍ରମିଳା ଭୁଏ, ସୀମା ମେହେର, ସନ୍ତରା ସାହୁ, ମାମି ସାହୁ, ସାଡୀନି କେଉଁଟ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ପଦ୍ମଶ୍ରୀ ଗୀତିକାର ବିନୋଦ ପଶାୟତ ଏବଂ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ ସମ୍ବର୍ଦ୍ଧିତ

**ବରଗଡ଼, ୫।୨(ସମିସ):** ବରଗଡ଼ରେ ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ଓ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦୁଇ ପଦ୍ମଶ୍ରୀ ଗୀତିକାର ବିନୋଦ ପଶାୟତ ଏବଂ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ ସମ୍ବର୍ଦ୍ଧିତ କରାଯାଇଥିଲା। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ. ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଚ ଗୀତରେ ଭବ୍ୟ ସ୍ୱାଗତ କରି ଉଭୟଙ୍କୁ ମଞ୍ଚକୁ ପାଛୋଟି ଅଣାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ତିନି ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋରଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପଧାନ, ଦିବାକର ମାଝୀ, ଭଗବାନ ପଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଅବସର ପରେ ଯବାନଙ୍କୁ ଗାଁ ମାଟିରେ ବିପୁଳ ସମ୍ବର୍ଦ୍ଧନା

**ବରଗଡ଼, ୫।୨(ସମିସ):** ଭାରତୀୟ ସେନାରୁ ଅବସର ନେଇ ଜନ୍ମମାଟିକୁ ଫେରିଥିବା ସିଆରପିଏଫ ଯବାନ ଜୀବର୍ଦ୍ଧନ ସାହୁଙ୍କୁ ଗାଁ ମାଟି ବିଜେପୁର ବ୍ଲକ ବଡବ୍ରାହ୍ମଣୀ



ଗାଁରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବଡବ୍ରାହ୍ମଣୀ ଗ୍ରାମର ସତ୍ୟବାଦୀ ସାହୁଙ୍କ ପୁଅ ଜୀବର୍ଦ୍ଧନ ଭାରତୀୟ ସେନାରେ ୨୦ ବର୍ଷ ସେବା କରି ଅବସର ନେଇଛନ୍ତି। ଏ ଅବସରରେ ବଡବ୍ରାହ୍ମଣୀ ସରପଞ୍ଚ ସଞ୍ଜୟ ସିଂ ଗଡ଼ତିଆ, ସୁନୀଲ ପାଣିଗ୍ରାହୀ, କୁମର ସାହୁ, ଦିଲ୍ଲୀପ ସିଂ, ଶ୍ୟାମ ସାହୁଙ୍କ ସମେତ ନେହେରୁ ଯୁବକ ସଂଘର ସମସ୍ତ ସଦସ୍ୟ ତଥା ବଡବ୍ରାହ୍ମଣୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଯବାନ ଜୀବର୍ଦ୍ଧନ ୨୦୦୩ରେ ସିଆରପିଏଫ ଯବାନ ଭାବେ ଯୋଗଦେବା ସହ ଆସାମର ୩ ସୁକିଆରୁ ଦେଶ ସେବା ଆରମ୍ଭ କରିଥିଲେ। ପରେ ଉତ୍ତରପ୍ରଦେଶର ଅଯୋଧ୍ୟା, ଛତିଶଗଡ଼ର ନାରାୟଣପୁର, ଓଡ଼ିଶା, ତ୍ରିପୁରା, ଅଗରତଲାରେ କାର୍ଯ୍ୟ କରି ୨୦ ବର୍ଷ ପରେ ଅବସର ଗ୍ରହଣ କରିଥିଲେ। ଯବାନ ଜୀବର୍ଦ୍ଧନ ସାହୁ ଯୁବପିଢ଼ିଙ୍କୁ ସେନା ବାହିନୀରେ ଯୋଗଦେଇ ଦେଶସେବା କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ।

# ‘ନୂଆ-ଓ’ ଓଡ଼ିଆ ଭାଷା ଓ ସଂସ୍କୃତିଭିତ୍ତିକ ପ୍ରତିଯୋଗିତା ଉଦ୍‌ଯାପିତ





**ପାଇକମାଲ/ଗାଇସିଲେଟ/ବରଗଡ଼, ୫।୨ (ସମିସ)**

ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନଙ୍କ ସଭାପତିତ୍ୱରେ ନୂଆ-ଓ ଅନ୍ତର୍ଗତ ଭାଷା ସଂସ୍କୃତି ପ୍ରତିଯୋଗିତା ସହ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ପଶ୍ଚିମ ଓଡିଶା ବିକାଶ ପରିଷଦର ଉପଦେଷ୍ଟା ନାରାୟଣ ସାହୁ, ସମ୍ମାନିତ ଅତିଥି ରୂପେ ଯୁବନେତା ସୁଶାନ୍ତ ମହାପାତ୍ର, ଟାଇ ଭୋଇ ଓ ମୁଖ୍ୟବକ୍ତା ଭାବେ ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଜନୀ ମହାନ୍ତି ଯୋଗ ଦେଇଥିଲେ। ଓଡିଆ ବିଭାଗର ଅଧ୍ୟାପିକା ରଞ୍ଜିତା ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସବିତା ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୨୦୨୩ ମସିହା +୨ ବିଜ୍ଞାନ ଓ କଳାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୀତି ସାହୁ ଓ ଭୁବନ ପାଣ୍ଡେଙ୍କୁ ପରସ୍କୃତ କରାଯାଇଥିଲା। ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ମିନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ଗାଇସିଲେଟ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା ଅଧ୍ୟକ୍ଷ ଡ. ଜୟକେତନ ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା, ମୁଖ୍ୟବକ୍ତା ଭାବରେ ରସରାଜ ଅଚ୍ୟୁତ ପୁରୋହିତ,



ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପୂର୍ବତନ ପରିଚାଳନା କମିଟିର ସମ୍ପାଦକ ଅମ୍ବିକା ପ୍ରସାଦ ତ୍ରୀବେଦି, ବ୍ଲକ ଅଧ୍ୟକ୍ଷ ପ୍ରଣୟ ସାହୁ ଯୋଗ ଦେଇଥିଲେ।ଜ ପ୍ରଥମ ପର୍ଯ୍ୟାୟରେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବରେ ଡ. ଭକ୍ତପୂରଣ ସାହୁ, ଡ. ଉପେନ୍ଦ୍ର ମହାପାତ୍ର ଐତିହାସିକ ଓ ସାଂସ୍କୃତିକ ଚିନ୍ତାଧାରା ଉପରେ ଆଲୋଚନା କରିଥିଲେ। ଡ. ସୁନୀଲ ପଣ୍ଡା ଓ ରବିନାରାୟଣ ପଣ୍ଡା ଜଗନ୍ନାଥ ଜଗତର ନାଥ ବିଶ୍ୱର ଆରାଧ୍ୟ ଦେବତା ବୋଲି ମତବ୍ୟକ୍ତ କରିଥିଲେ। ପରବର୍ତ୍ତୀ ଅଧିବେଶନରେ ନୃତ୍ୟ ପରିବେଷଣ ହୋଇଥିଲା। ଖେଳ ଶିକ୍ଷକ ହେମନ୍ତ ପଣ୍ଡାଙ୍କ ସହ ଛାତ୍ର ଯଶୋବନ୍ତ କୁମ୍ଭାର, ଛାତ୍ରୀ ତୃପ୍ତିମୟୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଧ୍ୟାପକ ନାରାୟଣ ମିଶ୍ର ପରିଚାଳନା କରିଥିଲେ। ଅଧ୍ୟାପିକା ସଂଘମିତ୍ରା ସାହୁ, ବୀଣାପାଣି ତାଣ୍ଡି, ପ୍ରତିଭା ଦାଶ, ଝରଣା ସାହୁ, ସଞ୍ଜିତା ମିଶ୍ର, ଅଧ୍ୟାପକ ଟିକେଶ୍ୱର ସାହୁ, ସୁନୀଲ ପାଣିଗ୍ରାହୀ ଓ ହେମନ୍ତ ପଣ୍ଡା ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଉମାକାନ୍ତ ସାହୁ, ପ୍ରଦୀପ ପଧାନ, ବାଚସ୍ପତି ପଧାନ, ଅରୁଣ ପାଣିଗ୍ରାହୀ ଓ ଅଧ୍ୟାପକ ଅରବିନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଅର୍ଜୁନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ଓ ସମ୍ମାନିତ ଅତିଥି ଭାବରେ ରାଧାକାନ୍ତ ଛତ୍ରି ଯୋଗଦାନ କରିଥିଲେ। ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ସଭାପତିତ୍ୱ କରିଥିବା ବେଳେ ସମସ୍ତ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଓ ସମସ୍ତ ସିଆରସିସି ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବରିଷ୍ଠ ଗୋଷ୍ଠୀ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ଜଗଦୀଶ ବେହେରା, ତାଲଶ୍ରିଗିଡା ଉଚ୍ଚ ବିଦ୍ୟାଳୟ ଜୟଶ୍ରୀ ପ୍ରଧାନ, ଜର୍ଜ ହାଇସ୍କୁଲ ଶାଶ୍ୱତୀ ଦାସ, ବାଲିଯୁରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ବରଗଡ଼ ବ୍ଲକର ୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ପ୍ରତିଯୋଗୀ ତଥା ତୃତୀୟ ଓ ପଞ୍ଚମ ଶ୍ରେଣୀରେ ଛାତ୍ରବୃତ୍ତି ପାଇଥିବା ୫୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଘାସିରାମ ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଖନପୁର ବ୍ଲକ ଅଧକ୍ଷାଙ୍କ ଜାତି ପ୍ରମାଣପତ୍ରକୁ ନେଇ ଅଭିଯୋଗ

**ଝାରସୁଗୁଡ଼ା, ୫।୨(ସମିସ):** ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ ଜାଲିଆତି କରି ଅନୁସୂଚୀତ ଜାତି (ଏସ୍‌ସି) ଭାବେ ଜାତି ପ୍ରମାଣପତ୍ର ହାତେଇ ଥିବାର ଅଭିଯୋଗର ତଦନ୍ତରେ ଜାଣିଶୁଣି ବିଳମ୍ବ ତଥା ଶିଥିଳତା



ନେଇ ଆଦର୍ଶ ସମାଜ ସମିତି ଝାରସୁଗୁଡ଼ା ଜିଲ୍ଲା ଶାଖା ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭାସ୍କର ଗର୍ଡ଼ିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ମଝିଆ ମାନେ ସାଧାରଣତଃ ସାଧାରଣ ବର୍ଗର ହୋଇଥିବା ବେଳେ ହୁତେଶ୍ୱରୀ ତିହିରିଆ ମିଥ୍ୟା ସତ୍ୟପାଠ ଏବଂ ଭୁଲ ତଥ୍ୟ ପ୍ରଦାନ କରି ଏସ୍‌ସି ଭାବେ ଜାତି ପ୍ରମାଣ ପତ୍ର ହାତେଇଥିବାରୁ ତୁରନ୍ତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଦର୍ଶ ସମାଜ ସମିତି ଜିଲ୍ଲାପାଳଙ୍କୁ ଦାବି କରିଛି। ଗତ ୨ ତାରିଖରେ ଆଦର୍ଶ ସମା।ଜ ସମିତି ପକ୍ଷରୁ ସମ୍ବଲପୁର ଆରଡ଼ିସିଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ଗର୍ଡ଼ିଆ କହିଛନ୍ତି।

# ବିଭିନ୍ନ ଦାବି ନେଇ ଧାରଣା ଦେଲେ ଛାତ୍ରଛାତ୍ରୀ

**ଝାରସୁଗୁଡ଼ା, ୫।୨ (ସମିସ)**

ଜିଲ୍ଲା ଛାତ୍ର ସାମ୍ମୁଖ୍ୟର ଆହ୍ୱାନ କ୍ରମେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାର ପ୍ରମୁଖ ସାମାଜିକ ସଂଗଠନ ତଥା ବୁଦ୍ଧିଜୀବୀମାନେ ବିଭିନ୍ନ ଦାବି ନେଇ ସୋମବାର ଝାରସୁଗୁଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ

## ୧୨ରେ ଝାରସୁଗୁଡା ବନ୍ଦ ଡାକରା

ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବେହେରାମାଲ ସ୍ଥିତ କିସାନ ଛକ ଠାରୁ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଦାବି ପୂରଣ ନେଇ ଆସନ୍ତା ୧୨ ତାରିଖରେ ଛାତ୍ର ସାମ୍ମୁଖ୍ୟ ୧୨ ଘଣ୍ଟିଆ ଝାରସୁଗୁଡା ଜିଲ୍ଲା ବନ୍ଦ ଡାକରା ଦେଇଛି। ଜିଲ୍ଲାର ସର୍ବ ପୁରାତନ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ତଥା ପି.ଜି ଓ ବି.ଇ.ଡି ପାଠ୍ୟକ୍ରମ ଦାବି, ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟର ଜମି ସମସ୍ୟା ଓ ଜମି ପଟ୍ଟା




ପ୍ରଦାନ, ଜିଲ୍ଲାର ଉପାନ୍ତ ଲଖନପୁର ବ୍ଲକ ଅନ୍ତର୍ଗତ ୧୯ ଖଣ୍ଡ ମୌଜା ଅଞ୍ଚଳରେ ସରକାରୀ ଡିଗ୍ରୀ କଲେଜ ସ୍ଥାପନ, କୃଷି ମହାବିଦ୍ୟାଳୟ ସ୍ଥାପନ, ଲଇକେରା, କୋଲାବିରା, କିର୍ମିରା ପରି ଅଞ୍ଚଳରେ ଥିବା କଲେଜ ମାନଙ୍କରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲିବା ପ୍ରଭୃତି ଦାବି ରହିଛି। ଏହି ଶୋଭାଯାତ୍ରାରେ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, କୋଲାବିରା ମହାବିଦ୍ୟାଳୟ, ଲଇକେରା ମହାବିଦ୍ୟାଳୟ, ଶୋଭନ ମେମୋରିଆଲ କଲେଜ କିର୍ମିରା, ବ୍ରଜରାଜନଗର ମହାବିଦ୍ୟାଳୟ, ଏଚ. କଣ୍ଟାପାଲି ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଘରେ ଘରେ ଲାଗିଲା ଶଙ୍ଖ ଚିହ୍ନ

**ଦେବଗଡ଼, ୫।୨(ସମିସ):** ଦେବଗଡ଼ ପୌରାଞ୍ଚଳର ୧ ନମ୍ବର ଓ ୫ ନମ୍ବର ୱାର୍ଡରେ ଜିଲ୍ଲା ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି। ସହ ପର୍ଯ୍ୟବେକ୍ଷକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ବିଜେଡି ଜିଲ୍ଲା ସଭାପତି ଇଂ ଚିତ୍ତରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଗୋପାଳଜୀଉ ମନ୍ଦିରଠାରେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିବା ପରେ ୱାର୍ଡ ପରିକ୍ରମା କରି ଦ୍ୱାର ଦ୍ୱାର ବୁଲି ଶଙ୍ଖ ଚିହ୍ନ ଲଗାଇଥିଲେ। ମୁଖ୍ୟମନ୍ତ୍ରୀ




ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଶତାଧିକ ଦଳୀୟ ନେତା ଓ କର୍ମୀ ଘରେ ଘରେ ଶଙ୍ଖ ଚିହ୍ନ ଲଗାଇଥିଲେ। ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ୧ ନମ୍ବର ୱାର୍ଡ କାଉନସିଲର ପ୍ରମିଳା ବେହେରା, ୫ ନମ୍ବର ୱାର୍ଡ କାଉନଲର ଯତୀନ ନାୟକ, ୨ ନମ୍ବର ୱାର୍ଡ କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ, ପୂର୍ବତନ ପୌରାଧକ୍ଷା ଅନିତା ପାତ୍ର, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ଅରୁଣି ପ୍ରଧାନ, ଅର୍ଚ୍ଚନା ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ସୁଷମା ବେହେରା, ବିଜେଡି ମହିଳା ବ୍ଲକ ସଭାନେତ୍ରୀ ସୁଜାତା ପ୍ରଧାନ, ଶକୁନ୍ତଳା ପ୍ରଧାନ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ପୂର୍ବତନ ବ୍ଲକ ଅଧକ୍ଷ ଦେବେନ୍ଦ୍ର ବେହେରା, ପୂର୍ବତନ ଏସଡିସିସି ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବ, ରାଜେନ୍ଦ୍ର ପ୍ରଧାନ, ବିକାଶ ପ୍ରଧାନ, ଚନ୍ଦ୍ରଶେଖର ଭୁକ୍ତା, ପୂର୍ବତନ ବ୍ଲକ ଅଧକ୍ଷ ବିଭୁତି ଗଙ୍ଗଦେବ, ଯୁବ ବିଜେଡି ସଭାପତି ପ୍ରତାପ ଦେବଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ୪୦ ସେକେଣ୍ଡରେ ରୁବିକ୍ସ କ୍ୟୁବ୍ ସମାଧାନ କରି ରେକର୍ଡ ସୃଷ୍ଟି କଲେ ଦିବ୍ୟାଙ୍ଗ ବାଳକ

**କୋଲାବିରା, ୫।୨(ସମିସ):** ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକ ଅର୍ନ୍ତଗତ ରଘୁନାଥପାଲି ଗ୍ରାମର ଅନିକେତ ସରାଫ ନାମକ ତୃତୀୟ ଶ୍ରେଣୀର ଛାତ୍ର ଜଣକ ମାତ୍ର ୪୦ ସେକେଣ୍ଡ ମଧ୍ୟରେ ସ୍ପିଡ କ୍ୟୁବିଂ କରିପାରୁଛନ୍ତି। ଏଥିପାଇଁ ସେ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କୃତ ମଧ୍ୟ ହୋଇଛନ୍ତି। ରୁବିକ୍ସ କ୍ୟୁବ ହେଉଛି ମେଗାମିକ୍ସ କ୍ୟୁବ ଭଳି ତିନି ସାଇଡର ପଜଲ। ଅତି କମ ସମୟ ସୀମା ୩୭ ସେକେଣ୍ଡ ମଧ୍ୟରେ ସେ ସମାଧାନ କରିପାରିଥିବା ନିଜ ରେକର୍ଡ ନିଜେ ଭାଙ୍ଗୁଛନ୍ତି। ଭବିଷ୍ୟତରେ ଆହୁରି ଭଲ ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି। ସେ ସମାଧାନ କରୁଥିବା ରୁବିକ୍ସ କ୍ୟୁବରେ ୩ ସାଟ୍ ସହିତ ୨୭ ମୁଭିଙ୍ଗ ପାର୍ଟ ରହିଛି। ଅନିକେତଙ୍କ ବାପା ବାଦଲ ସରାଫ ସ୍ୱାସ୍ଥ୍ୟ ବିଭାଗରେ ଜଣେ କର୍ମଚାରୀ। ସେ ପୁରୀ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ। ଘର ଝାରସୁଗୁଡା ଜିଲ୍ଲା ରଘୁନାଥପାଲିରେ। ପୁଅର ସଫଳତାରେ ସେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ପିଲାଟି ଦିନରୁ ଅଜଣା ରୋଗରେ ପୀଡିତ ହୋଇ ଅନିକେତ ଚାଲି ପାରୁନାହାଁନ୍ତି। ଅନିକେତ କୁହନ୍ତି, ପ୍ରଥମେ ପ୍ରଥମେ ସେ ଏହାକୁ ଖେଳ ଭାବରେ ଗ୍ରହଣ କରିଥିଲେ। ମାତ୍ର ଧିରେଧିରେ ଏପରି ନିଶା ଲାଗିଲା ଯେ ସ୍କୁଲରୁ ଫେରିବା ପରେ ବା ଖାଲି ସମୟରେ କିଛି ସମୟ ଚେସ ଖେଳିବା ସହିତ କ୍ୟୁବ ସମାଧାନରେ ଲାଗିପଡନ୍ତି। ଏବେ ଏତେ କମ ସମୟରେ ସମାଧାନ କରିପାରୁଥିବାର ସଫଳତା ତାଙ୍କୁ ଖୁବ୍ ଆନନ୍ଦ ଦେବା ସହ ଆଗକୁ ଆହୁରି ଭଲ ଖେଳି ରେକର୍ଡ କରିବାକୁ ଇଚ୍ଛା ରଖିଛନ୍ତି।

## ଟ୍ରେଲର-କାର୍ ଧକ୍କାରେ ଜଣେ ଗୁରୁତର

**ଝାରସୁଗୁଡ଼ା, ୫।୨(ସମିସ) :** ସଦର ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ ୱେ ନବ ଦାସ ଗଳିରେ ସୋମବାର ଅପରାହ୍ନରେ ଏକ ଟ୍ରେଲର ସହିତ କାରର ଧକ୍କା ହେବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ତଦନ୍ତ କରିଛି।

## ଝାରସୁଗୁଡ଼ାରେ ମାଙ୍କଡ଼ ଆତଙ୍କ

**ଝାରସୁଗୁଡ଼ା, ୫।୨(ସମିସ):** ସରବାହାଲ ଅଞ୍ଚଳରେ ମାଙ୍କଡ଼ ଆତଙ୍କ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ କିଛି ଦିନ ହେବ ଝାରସୁଗୁଡ଼ା ସହରର ସରବାହାଲ ଅଞ୍ଚଳରେ ମାଙ୍କଡ଼



ଆତଙ୍କ ଦେଖାଯାଇଛି। ସରବାହାଲ ଅଞ୍ଚଳର ଗୌଡ଼ପଡ଼ା କିସାନପଡ଼ା, ଚମାରପଡ଼ା, ତଳିପଡ଼ା ଓ କୁମ୍ଭାରପଡ଼ା ଅଞ୍ଚଳରେ ମାଙ୍କଡ଼ ଆତଙ୍କ ଦେଖାଯାଇଛି। ପନିପରିବା ଚାଷ ନଷ୍ଟ ହେଉଥିବା ବେଳେ ଘର ଉପରେ ଚଢ଼ି ଖପର ନଷ୍ଟ କରୁଥିବାର ଦେଖାଯାଉଛି। ଏମିତିକି ରାସ୍ତାରେ ଚାଲି ଯାଉଥିବା ଲୋକଙ୍କ ଉପରେଏହି ମାଙ୍କଡ଼ମାନେ ଆକ୍ରମଣ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଗତ କିଛି ବର୍ଷ ତଳେ ଝାରସୁଗୁଡ଼ାରେ ଶିଳ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଜଙ୍ଗଲ ଅବକ୍ଷୟ ଓ ନିଆଁ ଲଗାଇବା ସାଙ୍ଗକୁ ଖାଦ୍ୟ ଅଭାବରୁ ମାଙ୍କଡ଼ ମାନେ ସହରମୁହାଁ ହେଉଛନ୍ତି।

## ଝାରସୁଗୁଡ଼ାରେ ଜନଶୁଣାଣି ଶିବିର

**ଝାରସୁଗୁଡ଼ା, ୫।୨(ସମିସ):** ଜିଲ୍ଲା ମୁଖ୍ୟାଳୟଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଆସିଥିବା ୮୮ଟି ଅଭିଯୋଗପତ୍ର ମଧ୍ୟରୁ ୭୨ଟି ବ୍ୟକ୍ତିଗତ ଓ ୧୬ଟି ସାମୂହିକ ଥିଲା। ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଜନଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

## ଅସଦାଚରଣ କରି ଜେଲ ଗଲା ଯୁବକ

**ଦେବଗଡ଼, ୫।୨(ସମିସ):** ରିଆମାଳ ଥାନା ଭାଲିଆଡିହ ଗ୍ରାମରେ ପୂର୍ବ ଶତ୍ରୁତା କାରଣରୁ ଜଣେ ଯୁବକ ସେହି ଗ୍ରାମର ଦୁଇଜଣ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜେଲ୍ ଯାଇଛି। ଅଭିଯୁକ୍ତ ହେଉଛି। ମୁକେଶ ବେହେରା। ରିଆମାଳ ଥାନାରେ ଅଭିଯୁକ୍ତ ମୁକେଶ ବିରୋଧରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଶେଷରେ ସେ ଗିରଫ ହୋଇ ଜେଲ୍ ଯାଇଛି।

## ମନ୍ଦିର ରତ୍ନମୁଦ ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ରିଆମାଳ, ୫।୨(ସମିସ):** ରିଆମାଳ ବ୍ଲକ ଟୁହିଲାମାଳ ଗ୍ରାମରେ ଶ୍ରୀ ଶ୍ରୀ ବାଙ୍କେଶ୍ୱର ବାବା ଓ ମାଁ ବିନ୍ଧ୍ୟବାସିନୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା ଏବଂ ଶିବ ମନ୍ଦିରରେ ଶିବଲିଙ୍ଗ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ମା ବିନ୍ଧ୍ୟବାସିନୀ ମନ୍ଦିରର ରତ୍ନମୁଦ ଉତ୍ସବ ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ତାରଙ୍ଗସ୍ଥିତ ବାଉଁଶ ଝରା ନାଳଠାରେ ବରୁଣ ଦେବତାଙ୍କୁ ଆବାହନ କରି ପୂଜାର୍ଚ୍ଚନା ସମାପ୍ତ ପରେ କଳସ ଯାତ୍ରା ହୋଇଥିଲା। ସୂର୍ଯ୍ୟପୂଜା, ଅଧିବାସ ପୂଜା ସମାପନ ପରେ ଶିବ ମନ୍ଦିରରେ ବିଗ୍ରହ ସ୍ଥାପନ ହୋଇଥିଲା। ଚନ୍ଦ୍ରଶେଖର ନନ୍ଦ, ସଞ୍ଜୟ ଶତପଥୀ, ସପନ ଶତପଥୀ, ପ୍ରଶାନ୍ତ ନନ୍ଦ, କେତନ ଦାଶ ଓ ସଞ୍ଜୟ ମିଶ୍ର ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ। ରତ୍ନାକର ଗଡ଼ନାୟକ ଓ ତାଙ୍କ ପତ୍ନୀ ମନୋରମା ଗଡ଼ନାୟକ କର୍ତ୍ତା ଥିଲେ। ଦିଗାମ୍ବର ବିଶି, ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଟୁହିଲାମାଳ, ଖୁଣ୍ଟାବନ୍ଧ, ନିଳଗଣ୍ଡିଆ, ଝିମ୍ପାବିରା, ଖରିଆକାନି, ଜୋଡାଗୋଳା, ଫଟାଟାଙ୍ଗର, କୁକୁଟିନାଳୀ, କେନ୍ଦୁନାଳୀ, ତାରଙ୍ଗ, କୁମାଳ, ନିଶାବିରା, ଦଶଘରିଆର ଗ୍ରାମବାସୀ ସହଯୋଗ କରିଥିଲେ।

**ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ ପ୍ରତିଯୋଗିତା**

# କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ

**ଦେବଗଡ଼, ୫।୨ (ସମିସ):** ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ସ୍କୁଲ କ୍ରିକେଟ ପ୍ରଗିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଓ ବାରକୋଟ ଆଦର୍ଶ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ୧୬୮ ରନ୍‌ରେ ବିଜୟୀ ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ହରାଇ ୨୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଭାସ ସାହୁ ଅପରାଜିତ ୬୯, ଶୁଭମ ଦାସ ୩୧, ପ୍ରୀତିରାଜ ମିଶ୍ର ୨୮ ଓ ପ୍ରିୟମ ଦେହୁରୀ ୨୧ ରନ କରିଥିବା ବେଳେ ବାରକୋଟ ଦଳର ଗୁଲସନ ଖଡ଼ିରତ୍ନ ୩ ଓ ବରଦାନ ପ୍ରସାଦ ମହାପାତ୍ର ୨ ଟି ଉଇକେଟ ନେଇଥିଲେ। ଜବାବରେ ବାରକୋଟ ଦଳ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଏଥିରେ ବାରକୋଟ ଦଳର ସାହିଲ ପ୍ରଧାନ ୧୭, ଯାଜଲ୍ୟ ବେହେରା ୧୪ ରନ କରିଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭମ ଦାସ ୩ଟି, ପ୍ରଭାସ ସାହୁ ଓ ସ୍ୱପ୍ନିଳ ପ୍ରଧାନ ୨ ଟି ଲେଖାଏଁ ଉଇକେଟ ନେଇଥିଲେ। ଜିଲ୍ଲା କ୍ରିକେଟ ସଙ୍ଘ ସମ୍ପାଦକ ସୁଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଭଗବାନ ପ୍ରସାଦ ସାହୁ ଓ ଜିଲ୍ଲା କ୍ରୀଡ଼ା ସଙ୍ଘ ସମ୍ପାଦକ ଧୀରେନ୍ଦ୍ର ନାୟକ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଅମ୍ପାୟାର ନବୀନ ରାଉଳ ଓ ରାଜା ରାଣା ପରିଚାଳନା କରିଥିଲେ। ସେହିପରି ରୋମି ନାୟକ ଓ ରିତିକ ଦେହୁରୀ ସ୍କୋରର ଥିବାବେଳେ ବେଣୁଧର



ଗଡ଼ନାୟକ ଧାରବିବରଣୀ ପ୍ରଦାନ କରିଥିଲେ। ଅଶୋକ ନନ୍ଦ, ସତ୍ୟ ନାରାୟଣ ପାଣି, ସନ୍ତୋଷ ଦେବତା, ଅଭୟ ନନ୍ଦ, କ୍ଷୀରୋଦ ବେହେରା, ପ୍ରଦ୍ୟୁମ୍ନ ଭୁକ୍ତା, ରାଘବ ମହାରଣା ପ୍ରମୁଖଙ୍କ ସହଯୋଗ କରିଥିଲା। ମଙ୍ଗଳବାର ରାଜା ବାସୁଦେବ ହାଇସ୍କୁଲ ଓ କଣ୍ଢେଇ ହାଇସ୍କୁଲ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ନିଯୁକ୍ତି ପରିବର୍ତ୍ତେ ଉଠାଇ ନେଲା ପୁଲିସ

**ଝାରସୁଗୁଡ଼ା, ୫।୨(ସମିସ):** ବଡ଼ମାଲ ଥାନା ଅନ୍ତର୍ଗତ ପତ୍ରାପାଲିଠାରେ ଏକ କମ୍ପାନୀ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରି ଧାରଣା ଦେଇଥିବା ଗ୍ରାମବାସୀଙ୍କୁ ଉଠାଇନେଲା ପୁଲିସ। ପତ୍ରାପାଲିର ୮୯ଟି ହୀରାକୁଦ ବିସ୍ଥାପିତ ପରିବାରକୁ ଏକ କମ୍ପାନୀ ପାଇଁ ବିସ୍ଥାପିତ କରାଯାଉଛି। ଏହି ବିସ୍ଥାପିତ ପରିବାର ନିଜର କ୍ଷତିପୂରଣ ସହିତ ନିଯୁକ୍ତି ଦାବି କରି ସୋମବାର ପୂର୍ବାହ୍ନରେ ପତ୍ରାପାଲି ଠାରେ ଧାରଣା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଉଠାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



# ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ଦେବଗଡ଼, ୫।୨(ସମିସ):** ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଉପସ୍ଥିତ ରହି ୪୦ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ୩୩ଟି ବ୍ୟକ୍ତିଗତ ଏବଂ ୭ଟି ସାମୂହିକ ଅଭିଯୋଗ ଆସିଥିଲା। ମୁଖ୍ୟତଃ ଜମି ପଟ୍ଟା, ବିଦ୍ୟୁତ୍ ସମସ୍ୟା, ଅନ୍ତୋଦୟ ଚାଉଳ, ପାନୀୟ ଜଳ, ରାସନ କାର୍ଡ ଆଦି ସମସ୍ୟାର ସମାଧାନ ପାଇଁ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାମ ପ୍ରସାଦ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।



**୪ର୍ଥ ସନ୍ଧ୍ୟାରେ ବେଲପାହାଡ଼ ଉତ୍ସବ 'ମଚାନ୍'**

# ଦର୍ଶକଙ୍କ ମନମୋହିଲା ରାୟପୁର ନୃତ୍ୟ ଓ ପୁରୀର ମାଲଖମ୍ବ

**ଝାରସୁଗୁଡ଼ା, ୫।୨(ସମିସ):** ବେଲପାହାଡ଼ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆସ୍ଥିତ ରତ୍ନ ମଣ୍ଡପଠାରେ ଚାଲିଥିବା ବେଲପାହାଡ଼ ଉତ୍ସବ୍ 'ମଚାନ୍' ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ସନ୍ଧ୍ୟାରେ ଆମନ୍ତ୍ରିତ ସାଂସ୍କୃତିକ ଅନୁଷ୍ଠାନ ମଧ୍ୟରୁ ଛତିଶଗଡ଼ ରାୟପୁରର ଭୂମେଶ୍ୱରୀ ନୃତ୍ୟ ଦଳ, କଟକ ନଟରାଜ ଡ୍ୟାନ୍ସ ଏକାଡେମୀର ଭାରତୀୟ ଲୋକନୃତ୍ୟ, ପୁରୀର ମାଲଖମ୍ବ ଆଦି ସହିତ ସ୍ଥାନୀୟ ବିଦ୍ୟାଳୟର ସମ୍ବଲପୁରୀ ଓ ଅନ୍ୟ ନୃତ୍ୟ ଦର୍ଶକଙ୍କ ବେଶେଷ ଆକର୍ଷଣୀୟ ହୋଇଛି। ପ୍ରଦର୍ଶିତ ଗ୍ରାମଶ୍ରୀ ମେଳା, କ୍ଷୁଦ୍ର ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପ୍ରାୟ ୨ ହଜାରରୁ ଅଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ବେଲପାହାଡ଼ ଉତ୍ସବ୍ ମଚାନ୍ କମିଟିର ସଭାପତି ଦେବୀପ୍ରସାଦ ମିଶ୍ରଙ୍କ ଅଧକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବେଲପାହାଡ଼ ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ପ୍ରାକ୍ତନ ଅଧ୍ୟାପକ ତଥା ଶିକ୍ଷାବିତ ପ୍ରତାପ ବେହେରା ପ୍ରମୁଖ ସାମିଲ ରହିଥିଲେ। କାର୍ଯ୍ୟକାରୀ ସଭାପତି ରାଜେଶ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଦୀପ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଧାରଣ ସମ୍ପାଦକ ପ୍ରମୋଦ ସେନାପତି, ମୋତିରାମ ମେହେର, ଶ୍ରୀକର ଭୋଇ, ଭାସ୍କର ପଟେଲ, ଗୌରୀ ଶଙ୍କର ବିଶି, ରାଜେଶ ପଶାୟତ, ହେମସାଗର ପଟ୍ଟନାୟକ, ଆଶିଷ ମେହେର, ମନୋଜ ପଟେଲ, ନିଶା ଶର୍ମା, ସୋମନାଥ ମେହେର, ବର୍ଷାରାଣୀ ମେହେର, ଶିଳ୍ପି ରଥ ପ୍ରମୁଖ ସହଯୋଗ କରିଥିଲେ।

# ଭାଷା, ସାହିତ୍ୟ, ସୃଜନଶୀଳତା ଉତ୍ସବ

**ଦେବଗଡ଼, ୫।୨(ସମିସ):** ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ, ସୃଜନଶୀଳତାଓ କଳାସଂସ୍କୃତି ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଭାଷା, ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟଅବଦାନ ଯୋଗୁଁ ଦେବଗଡ଼ ମହିଳା ମହାବିଦ୍ୟାଳୟର ଅଧକ୍ଷା ଡ. ତନ୍ମୟୀ ମହାନ୍ତି, ଅଧ୍ୟାପକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡ. ଭାରତ ଭୂଷଣ ନନ୍ଦ, ଅଧ୍ୟାପକ ଡ. ସୁରେନ୍ଦ୍ର ଦାଶ, ଚିତ୍ତରଞ୍ଜନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏଡିଇଓ ବିନୋଦ ସିଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିବାବେଳେ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ପଦ୍ମାଳି ଲାକ୍ରା ଧନ୍ୟବାଦ ଦେଇଥିଲେ। ୩ ବ୍ଲକରୁ ଚୟନ ହୋଇଆସିଥିବା କନିଷ୍ଠ ଓ ବରିଷ୍ଠ ବର୍ଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିଆରସିସି ଦୁଷ୍ମନ୍ତ ସାମଲ, ଚୁଡାମଣି ସାହୁ, ଫକୀର ମୋହନ ପ୍ରଧାନ, ଦାଶରଥି ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ପ୍ରଭାତ ପ୍ରଧାନ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବେହେରାଙ୍କ ସଭାପତିତ୍ୱ ଏବଂ ସିଆରସିସି ଶ୍ରୀ ଘଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ମୁଖ୍ୟଅତିଥି, ଡିଆଇପିଆରଓ ମନୋରଞ୍ଜନ ସୂତାର, ଏଡିଇଓ ଶ୍ରୀ ସିଂ, ଶକୁନ୍ତଳା ଟେଟେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ନୀରିକ୍ଷିକା ଇପସିତା ପଟ୍ଟନାୟକ, ତିଲେଇବଣି ଏବିଇଓ ନାରାୟଣ ସିଂ ସାମାଡ, ଜିଲ୍ଲା ଭିନ୍ନକ୍ଷମ ସଂଯୋଜିକା ସୁନିତା ବଡେଇ, ବାଳିକା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ଶୈକ୍ଷିକ ତତ୍ତ୍ୱ ସଂଯୋଜିକା ଜୟଶ୍ରୀ ଅମାତ୍ୟ, ବୈଷୟିକ ପରାମର୍ଶଦାତା ଲକ୍ଷ୍ମୀକାନ୍ତ ରାଉତରାୟ, ଶ୍ରୀନିବାସ ପଣ୍ଡା, ସଞ୍ଜିବ ମିଶ୍ର, ଦୀପିକା ମିଶ୍ର, ଗୌରହରି ସାହୁ ଉପସ୍ଥିତ ଥିଲେ।

# ୧୯ତମ ଆନ୍ତଃ ବିଦ୍ୟାଳୟ ଅଲିମ୍ପିଆଡ କ୍ରୀଡ଼ା

**ଝାରସୁଗୁଡ଼ା, ୫।୨(ସମିସ)**

ବେଲପାହାଡ଼ ଟିଆରଏଲ କ୍ରୋସାକି କମ୍ପାନୀର ପିଆର ଆଣ୍ଡ ସିଏସଆର ବିଭାଗ ପକ୍ଷରୁ ବେଲପାହାଡ଼ ରିଫ୍ରାକ୍ଟୋରିଜ୍ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ୧୯ତମ ଅନ୍ତଃ ବିଦ୍ୟାଳୟ ଅଲିମ୍ପିୟାଡ଼ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଟିଆରଏଲ କ୍ରୋସାକି କମ୍ପାନୀର ବରିଷ୍ଠ ଅଧିକାରୀ ତଥା ବିଦ୍ୟାଳୟ ସମ୍ପାଦକ ସୁଶାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ଅନ୍ୟ ବରିଷ୍ଠ ଅଧିକାରୀ ନିରଞ୍ଜନ ଦାଶ, ଡ଼ା. ସନ୍ତୋଷ ମିଶ୍ର, ବେଲପାହାଡ଼ ଇଂରାଜୀ ମିଡିୟମ୍ ସ୍କୁଲର ଅଧକ୍ଷ ଅଭୟ କୁମାର ସ୍ୱାଇଁ, ବିଆର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ା ଜ୍ୟୋତି ପ୍ରଜ୍ୱଳନ କରି ଏହାର ଶୁଭ ଉଦ୍‌ଯାଟନ କରିଥିଲେ। ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ବେଲପାହାଡ଼ ପୌରାଞ୍ଚଳର ୨୦ଟି ବିଦ୍ୟାଳୟରୁ ମୋଟ ୨୪୧ ଦଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ରୀମା ଖଡ଼ିଆ, ବାଳକରେ ବିବେକାନନ୍ଦ ଇଣ୍ଟରନେସେନାଲ୍ ସ୍କୁଲ ସୁମିତ ଲୁହାର, ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ଗାନ୍ଧୀନଗର ୟୁପି ସ୍କୁଲର ବର୍ଷା ଡୁମୁଲିଆ, ବାଳକରେ ବିବେକାନନ୍ଦ ଇଣ୍ଟରନେସେନାଲ୍ ସ୍କୁଲର ଗୌତମ ମିର୍ଦ୍ଧା, ୮ ବର୍ଷରୁ କମ୍ ବାଳିକା ବିଭାଗରେ ଗାନ୍ଧୀନଗର ୟୁପି




ସ୍କୁଲର ବିଷ୍ଣୁପ୍ରିୟା ଖଡ଼ିଆ ଓ ବାଳକରେ ଗାନ୍ଧୀନଗର ୟୁପି ସ୍କୁଲର ସାହିଲ ଲୁହାର ବ୍ୟକ୍ତିଗତ ଭାବେ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବିଭାଗରେ ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ୍ ଓ ବିଆର ଉଚ୍ଚ ବିଦ୍ୟାଳୟର ଦଳଗତ ଭାବରେ ଉପବିଜେତା ହୋଇ ପୁରସ୍କୃତ ହୋଇଥିଲେ। ୮ ଓ ୧୦ ବର୍ଷରୁ କମ୍ ବିଭାଗରେ ଗାନ୍ଧୀନଗର ୟୁପି ସ୍କୁଲ ଦଳ ଚମ୍ପିଆନ୍ ଓ ବିବେକାନନ୍ଦ ଇଣ୍ଟରନେସେନାଲ୍ ସ୍କୁଲ ଦଳଗତ ଭାବରେ ଉପବିଜେତା ହୋଇ ପୁରସ୍କୃତ ହୋଇଥିଲେ। କ୍ରୀଡ଼ା ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ହମିଦ୍ ମହାପାତ୍ର, ଦେବେନ୍ଦ୍ର ବେହେରା, ଚନାନ୍ତି ମିଞ୍ଜି, ପନ୍?ଚାନନ ପାଣିଗ୍ରାହୀ, ଲୋଚନ କାଣ୍ଡ୍ରା, ନନ୍ଦିନୀ ରାଉତ, ଅଭିଳାଷ ସାହୁ ଓ ଶାନ୍ତି ନାଏକ ପରିଚାଳନା କରିଥିବା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସିଏସଆର କର୍ମଚାରୀମାନେ ସହଯୋଗ କରିଥିଲେ। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ସମ୍ମାନିତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିମଳ ତାଣ୍ଡି, ପୌର ସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଦିଲୀପ ନାଏକ, ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ ଶଶାଙ୍କ ଦୀକ୍ଷିତ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପଣ୍ଡିତ ରଘୁନାଥ ନାୟକ ଉଦ୍‌ଘୋଷକ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଦୀପକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବୈଦିକର ଐତିହାସିକ ବିଜୟ

# ଅର୍ମାନଙ୍କ ବିସ୍ଫୋରକ ଶତକ

**ସମ୍ବଲପୁର, ୫।୨(ସମିସ):** ଓଡ଼ିଶା କ୍ରିକେଟ ଏସୋସେସନ (ଓ.ସି.ଏ) ଦ୍ୱାରା ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା ଆନ୍ତଃବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବୈଦିକ ଇଣ୍ଟରନେସନାଲ ସ୍କୁଲ, ପାବପାଲି



ଶାସନ ବିଜୟ ଲାଭ କରିଛି। ଏହି ସ୍କୁଲର ଛାତ୍ର ଅର୍ମାନ ବହିଦାର ଇତିହାସ ରଚନା କରିଛନ୍ତି। ବୈଦିକ ଇଣ୍ଟରନେସନାଲ ସ୍କୁଲର ୩୫ ଓଭରର ମ୍ୟାଚରେ ଦଳଗତ ସ୍କୋର ୨୯୮ ରହିଥିବାବେଳେ ଅର୍ମାନଙ୍କ ବ୍ୟକ୍ତିଗତ ସ୍କୋର ୧୬୫ ରହିଥିଲା। ସେ ୧୦୦ ବଲରେ ୩୦ଗୋଟି ଚୌକା ଓ ୪ ଗୋଟି ଛକା ବିନିମୟରେ ୧୬୫ ରନର ବିଶାଳ ସ୍କୋର କରିଥିଲେ। ବୈଦିକ ଇଣ୍ଟରନେସନାଲ ସ୍କୁଲ ଏହି ମ୍ୟାଚରେ ନିକଟ ପ୍ରତିଦ୍ୱନ୍ଦ୍ୱିଙ୍କୁ ୨୯୯ ରନର ର ଲକ୍ଷ ଦେଇଥିବା ବେଳେ ପ୍ରତିପକ୍ଷ ଦଳ ମାତ୍ର ୫୨ ରନରେ ଅଲଆଉଟ ହୋଇଯାଇଥିଲେ। ଅର୍ମାନଙ୍କ ଏ ଅପୂର୍ବ ସଫଳତା ପାଇଁ ଅନୁଷ୍ଠାନର ଚେୟାରମେନ ଆନନ୍ଦ ଅଗ୍ରୱାଲ, ଅଧ୍ୟକ୍ଷ ସୁବ୍ରତ କୁମାର ଷଡ଼ଙ୍ଗୀ ଡିନ ପାର୍ଥ ମୁଖାର୍ଜୀ ଓ ସମସ୍ତ ଶିକ୍ଷକଶିକ୍ଷୟତ୍ରୀଗଣ ଧନ୍ୟବାଦ ଦେବା ସହ ତାର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ମାଁ ସମଲେଶ୍ୱରୀଙ୍କୁ ଦର୍ଶନ ସହ ମନ୍ଦିର ରୂପାନ୍ତରଣ ଦେଖିଲେ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଶ୍ରଦ୍ଧାଳୁ

**ସମ୍ବଲପୁର, ୫।୨(ସମିସ)**

ସମ୍ବଲପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ସମଲେଇଙ୍କ ପ୍ରକଳ୍ପ ଲୋକାର୍ପଣ ପରେ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆଜି ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଝାରସୁଗୁଡା ଜିଲ୍ଲାର ଝାରସୁଗୁଡା, ନୂଆପଡ଼ା ଜିଲ୍ଲାର ଖରିଆର ଏବଂ ବରଗଡ଼ ଜିଲ୍ଲାର ଅତାବିରା ନିର୍ବାଚନ ମଣ୍ଡଳିର ଭକ୍ତମାନେ ଆସି ମାଙ୍କୁ ଦର୍ଶନ କରିଛନ୍ତି। ଭକ୍ତମାନେ କିପରି ସୂଚାରୁ ରୂପେ ଦର୍ଶନ କରିବେ ସେଥିପାଇଁ ପ୍ରଶାସନ କାଲିଠାରୁ ସମସ୍ତ ବ୍ୟବସ୍ଥା ଶେଷ କରିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ପ୍ରଥମେ ମାଙ୍କ ଆଶିଷ ଲାଭ କରି ସମଲେଇ ପ୍ରକଳ୍ପକୁ ପରିକ୍ରମା କରି ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁମାନେ ପ୍ରଶଂସା କରିଥିଲେ। ଅଞ୍ଚଳରେ ଏହି ପ୍ରକଳ୍ପ କରିଥିବାରୁ ମହିଳାମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଖୁସି ହୋଇ କୃତଜ୍ଞତା ଜଣାଇଥିଲେ। ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ମାଁଙ୍କ ଦର୍ଶନ ପାଇଁ ଭକ୍ତ ପହଞ୍ଚିବା ଠୁ ଫେରିବା



ପର୍ଯ୍ୟନ୍ତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି। ସେହିପରି ଆସନ୍ତାକାଲି ସୋନପୁର ଜିଲ୍ଲାର ବୀରମହାରାଜପୁର ନିର୍ବାଚନ ମଣ୍ଡଳି ବଲାଙ୍ଗୀର ଜିଲ୍ଲାର ବଲାଙ୍ଗୀର, ସୁନ୍ଦରଗଡ଼ର ତଳସରା ଏବଂ ବୀରମିତ୍ରପୁର, ୭ ଫେବୃଆରୀରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା, ବରଗଡ଼ର ପଦ୍ମପୁର, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଏବଂ ବୌଦ୍ଧର କନ୍ଧମାଳ ନିର୍ବାଚନ ମଣ୍ଡଳିର ଭକ୍ତ ଦର୍ଶନ କରିବେ। ସେହିପରି ପର୍ଯ୍ୟାୟ କ୍ରମେ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ୧୧ଗୋଟି ଜିଲ୍ଲାର ସବୁ ନିର୍ବାଚନ ମଣ୍ଡଳୀର ଭକ୍ତ ମାଁଙ୍କୁ ଦର୍ଶନ କରିବେ। ତେବେ ଏଥିପାଇଁ ମାଁ ସମଲେଶ୍ୱରୀ ମନ୍ଦିର ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହେବାସହ ହୁଳହୁଳି ପ୍ରକମ୍ପିତ ହେଉଛି। ଏହାସହ ଭକ୍ତଙ୍କ ଜୟ ମାଁ ସମଲେଶ୍ୱରୀ ଧ୍ୱନିରେ ପରିବେଶରେ ଆଧାତ୍ମିକ ବାତାବରଣ ସୃଷ୍ଟି ହେଉଛି।

## ଅଧିକ ସୁଧ ଲୋଭ ଦେଖାଇ ଲୁଟିନେଲା ଆପ୍

# ୫୦ ଲକ୍ଷରୁ ଅଧିକ ଠକେଇ, ସାଇବର ଥାନାର ଦ୍ୱାରସ୍ଥ

**ସମ୍ବଲପୁର, ୫।୨ (ସମିସ):** ଟଙ୍କା ନିବେଶ ନାଁରେ ସାଂଘାତିକ ଠକେଇ ହୋଇଛି। ଅଧିକ ସୁଧ ଆଶାରେ ୩୦ରୁ ଅଧିକ ବ୍ୟକ୍ତି ୫୦ ଲକ୍ଷରୁ ଅଧିକ ଟଙ୍କା ହରାଇଛନ୍ତି। ଏନେଇ ୧୨ ଜଣ ଆଜି ସମ୍ବଲପୁର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଉକ୍ତ ଯୁବକମାନେ ସାଇ ଟ୍ରେଡିଂ ଆପ୍ ଜରିଆରି ଟଙ୍କା ନିବେଶ କରୁଥିଲେ। ସେଠାରେ ଟଙ୍କା ନିବେଶ କରି ଅଧିକ ସୁଧ ପାଉଥିଲେ। ହେଲେ ହଠାତ୍ ଆପ୍‌ଟି ବନ୍ଦ ହୋଇଯାଇଛି। ଏଥି ପାଇଁ ନିବେଶକାରୀ ଚିନ୍ତାରେ ପଡ଼ିଛନ୍ତି। ଏପଟେ ଠକେଇ ଟଙ୍କାର ପରିମାଣ ୫୦ ଲକ୍ଷରୁ ଅଧିକ ଥିବାରୁ ଏହାକୁ ଇଓଡବ୍ଲ୍ୟୁରେ ଏତଲା ଦେବାକୁ ସମ୍ବଲପୁର ସାଇବର ଥାନା ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନାଞ୍ଚଳର ଗୋଡପୋଷ ଅଞ୍ଚଳର କିଛି ଯୁବକ ଅକ୍ଟୋବର ମାସରୁ ଏକ ଆପ୍ ଜରିଆରେ ନିବେଶ ଆରମ୍ଭ କରିଥିଲେ। ସେହି ଆପରେ ଟଙ୍କା ଲଗାଇଲେ କମ ସମୟରେ ଅଧିକ ରୋଜଗାର ହେଉଥିଲା। ୧୫୦୦୦ ଲଗାଇଲେ ମାସେ ପରେ ୪୫ ହଜାର ମିଳିବ ବୋଲି ଆପରେ ସୂଚନା ଦେଉଥିଲା। ଯାହା ଫଳରେ ଯୁବକମାନେ ଅଧିକ ସୁଧ ଆଶାରେ ଆପରେ ଟଙ୍କା ବିନିଯୋଗ କରୁଥିଲେ। ନିବେଶ କରିବା ପୂର୍ବରୁ କେତେ ଟଙ୍କାରେ କେତେ ସୁଧ ମିଳିବ ତାହା ସୂଚନା ପଳେଇ ଆସୁଥିଲା। ହଜାରେ ଟଙ୍କା ନିବେଶ କଲେ ୨ ହଜାର କିମ୍ବା ୩ ହଜାର ମିଳିବ ସେନେଇ ସବୁ ଆଗୁଆ ତଥ୍ୟ ମିଳୁଥିଲା। ତେଣୁ ସ୍ଥାନୀୟ ଯୁବକ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ତିଆରି କରି ଟଙ୍କା ନିବେଶ କଲେ। ପ୍ରଥମେ ଏହି ନିବେଶ ଅନୁସାରେ ବହୁ ପରିମାଣରେ ଟଙ୍କା ବି ଆସୁଥିଲା। ଧୀରେ ଧୀରେ ଖବର ବ୍ୟାପୀବାପରେ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏହି ଆପରେ ଯୋଡି ହୋଇଥିଲେ। ଫଳରେ ଅଧିକ ଟଙ୍କା ଲଗାଇ ସୁଧ ଆଶା କରିଥିଲେ। ହେଲେ ଏବେ ସେହି ଆପ୍‌ଟି ବନ୍ଦ ହୋଇଯାଇଛି। ନିବେଶ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଫେରସ୍ତ ଆସୁନି। ତେଣୁ ବାଧ୍ୟ ହୋଇ ଆଜି ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି ୧୨ ଜଣ ଯୁବକ।

# ଚୋରି ସ୍କୁଟି ଜବତ, ଜଣେ ଗିରଫ

**ବୁର୍ଲା, ୫।୨(ସମିସ):** ବୁର୍ଲା ଡେଲି ମାର୍କେଟ ସାମ୍ନାରୁ ଚୋରି ହୋଇଥିବା ସ୍କୁଟି ଜବତ କରିଛି ବୁର୍ଲା ପୁଲିସ। ଏହାସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଛି ବୁର୍ଲା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ୱାନଆର୍ କଲୋନୀର ନକୁଳ ପ୍ରସାଦ ବର୍ମା (୧୯)। ସୂଚନା ଅନୁସାରେ ଗତ ଜାନୁଆରୀ ୨୦ ତାରିଖ ଦିନ ବୁର୍ଲା ଡେଲି ମାର୍କେଟରୁ ଛୋଟେଲାଲ ପ୍ରସାଦଙ୍କ ହୋଣ୍ଡା ଏକ୍ଟିଭା ସ୍କୁଟିଟି ଚୋରି ହୋଇଥିଲା। ଏ ନେଇ ଛୋଟେଲାଲ ବୁର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଲଡୁଖାଇ ଛକରେ ପରିବା ବିକାଳିଙ୍କୁ ଧକ୍କା ଦେଲା ବାଇକ, ୨ ଗୁରୁତର

**ବୁର୍ଲା, ୫।୨ (ସମିସ):** ବୁର୍ଲା ଥାନା ଲଡୁଖାଇ ଛକ ନିକଟରେ ମହିଳାଙ୍କୁ ଧକ୍କା ଦେଲା ବାଇକ। ଏଥିରେ ମହିଳା



ଓ ବାଇକ ଆରୋହୀ ଉଭୟେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଜୟନ୍ତୀ ମେହେର ନାମକ ଏକ ପରିବା ବିକାଳୀ ରାସ୍ତା ପାରି ହେଉଥିବା ସମୟରେ ବରଗଡ଼ ପଟୁ ଆସୁଥିବା ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ ଆରୋହୀ ଓ ଉକ୍ତ ମହିଳା ଛିଟିକି ପଡିଥିଲେ। ଏହି ଘଟଣାରେ ବାଇକ ଆରୋହୀ ସୁଶାନ୍ତ ସାହୁ ଓ ପରିବା ବିକାଳୀ ଜୟନ୍ତୀ ମେହେର ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ସମାଜସେବୀ ବାଳକୃଷ୍ଣ ସାହୁ, ପୂର୍ବତନ ସରପଂଚ ଶ୍ରୀହରି ନାଗ, ଏମଡି କାଲେ, ରାଧେଶ୍ୟାମ ପ୍ରଧାନ ପ୍ରମୁଖ ପହଂଚି ପୁଲିସକୁ ଖବର ଦେବା ସହ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଏବଂ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଯାପିତ

**ସମ୍ବଲପୁର, ୫।୨(ସମିସ):** ସମ୍ବଲପୁରର ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଏବଂ ଗାଇଡ କ୍ୟାମ୍ପୋରୀ ୨୦୨୩-୨୪ କସ୍ତୁରବା ଗାନ୍ଧୀ ମାତୃ ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟ ମହୁଲପାଲି ଠାରେ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ସ୍କାଉଟ ଗାଇଡ ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କ ନିର୍ଦ୍ଦେଶରେ ୪ଦିନ ଧରି ହେବାକୁଥିବା ଏହି କ୍ୟାମ୍ପୋରୀରେ ଜିଲ୍ଲାର ୪୦୧ଜଣ ସ୍କାଉଟ, ଗାଇଡ ତଥା ସ୍କାଉଟ ମାଷ୍ଟର ଏବଂ ଗାଇଡ କ୍ୟାପ୍‌ଟେନ ଯୋଗ ଦେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯୁଯୁମୁରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ, ଜିଲ୍ଲା ଗାଇଡ କମିଶନର୍ ଦୀପାଲୀ ଚୌଧୁରୀ, ଜିଲ୍ଲା ସ୍କାଉଟ କମିଶନର କୁଳଧର ପ୍ରଧାନ, ପୂର୍ବତନ ସ୍କାଉଟ ଏବଂ ଗାଇଡ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ବେହେରା, ପ୍ରଧାନ ଶିକ୍ଷକ ଗିରିଧାରୀ ଡନ୍‌ସେନା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରୁ ଆସିଥିବା ସ୍କାଉଟ ଏବଂ ଗାଇଡମାନଙ୍କୁ ଚରିତ୍ର ଗଠନ, ସୁନାଗରିକ, ପରୋପକାର, ସେବା ଆଦି ବିଷୟରେ ଦିଗଦର୍ଶନ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବକୁ ଜିଲ୍ଲା ତାଲିମ୍ କମିଶନର ନରେନ୍ଦ୍ର କୁମାର୍ ଦେହୁରୀ ପରିଚାଳନା କରିଥିଲେ। ସ୍କାଉଟ ମାଷ୍ଟର ସତ୍ୟନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କାଉଟ ମାଷ୍ଟର ଚିତ୍ତରଞ୍ଜନ ପଣ୍ଡା, ସତ୍ୟ ରଞ୍ଜନ ପଣ୍ଡା, ଲକ୍ଷ୍ମଣ ନାଥ, ପ୍ରତାପ ସେନାପତି, ମଣି ବେଜି, ରମେଶ ବେରିହା, ନାରାୟଣ ପ୍ରଧାନ, କ୍ଷୀରେଶ୍ୱର କର୍ଣ୍ଣ, ପି ସୁଧାଂଶୁ, ତ୍ରିବିକ୍ରମ ରଣା, ସରସ୍ୱତୀ ସେଠି, ଜଟଭୂଷଣ ସାହୁ, ସାନ୍ତା ରଣବିଡା ଆଦି ସହଯୋଗ କରିଥିଲେ। ଆଜିର ପ୍ରଥମ ଦିନରେ ସ୍କାଉଟ ଗାଇଡ ସମ୍ପର୍କରେ ତାଲିମ ଦିଆଯିବା ସହ ଦଳଗତ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

# ମହିଳା ଆରୋଗ୍ୟ ସମିତି ତାଲିମଦାତାଙ୍କ ତାଲିମ କାର୍ଯ୍ୟକ୍ରମ

**ସମ୍ବଲପୁର, ୫।୨(ସମିସ):** ବସ୍ତି ଅଞ୍ଚଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଦୂରୀକରଣ ସହିତ ସମସ୍ତ ବସ୍ତି ଅଞ୍ଚଳକୁ ସୁସ୍ଥ ବସ୍ତି ନିର୍ମାଣ ଲକ୍ଷ ନେଇ ଆଜି ନଗର ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ସ୍ଥାନୀୟ ଅଇଁଠାପାଲି ସଭାକକ୍ଷରେ ମହିଳା ଆରୋଗ୍ୟ ସମିତିର ତାଲିମଦାତାମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ଦିନିକିଆ ତାଲିମ ଶିବିରକୁ ଏଡିପିଏଚଓ ଡା.ପ୍ରଦୀପ କୁମାର ହୋତା ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସିପିଏମ ନିକୁରଞ୍ଜନ ପଡ଼ିହାରୀ, ଏପିଏମ ବନ୍ଦନା ନାୟକ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଡା.ସନ୍ତୋଷ କୁମାର ସାହୁ, ଡା.ରାଜାରାମ ଷଡଙ୍ଗୀ, ଗଣେଶ ରାମ ପଣ୍ଡା, ବାଣି ମହାପାତ୍ର ପ୍ରମୂଖ ବିଭିନ୍ନ ତାଲିମ ପ୍ରଦାନରେ ସହଯୋଗ କରିଥିଲେ। ସହରାଞ୍ଚଳରେ ମିଳୁଥିବା ସ୍ୱାସ୍ଥ୍ୟ ସେବା, ସୁବିଧା ଓ ଯତ୍ନ, ନିଜ ଅଞ୍ଚଳର ସ୍ୱାସ୍ଥ୍ୟ ଅନୁଷ୍ଠାନରପରିଷ୍କାର ପରିଚ୍ଛନ୍ନତା, ମହିଳା ଆରୋଗ୍ୟ ସମିତି ଦାୟିତ୍ୱ, ଲିଙ୍ଗଗତ ବୈଷମ୍ୟତା, କୈଶୋର ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ, ଅନୁକୂଳ ପରିବେଶ, ସ୍ୱଚ୍ଛତା ଅଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଦିନରେ ମହାନଗର ନିଗମ ଅନ୍ତର୍ଗତ ସମ୍ବଲପୁର, ବୁର୍ଲା, ହୀରାକୁଦ ଓ ଚାଉଁରପୁର ଅଞ୍ଚଳର ସମସ୍ତ ମହିଳା ଆରୋଗ୍ୟ ସମିତିକୁ ଆଦର୍ଶ ଓ ସୁସ୍ଥ ବସ୍ତି ନେଇ ସମସ୍ତ ମହିଳାଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି।

# ଜୁହାର ପରିବାର ବେଙ୍ଗାଲୁରୁର ପୁଷପୁନି ତିହାର



**ସମ୍ବଲପୁର, ୫।୨(ସମିସ):** ଜୁହାର ପରିବାର ବେଙ୍ଗାଲୁରୁ ଏବଂ ଏ.କେ. କ୍ରିଏସନର ମିଳିତ ସହଯୋଗରେ ଆଜି ବେଙ୍ଗାଲୁରୁ ସ୍ଥିତ ହାଲ କଲ୍ୟାଣ ମଣ୍ଡପଠାରେ ପୁଷପୁନି ତିହାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଙ୍ଗାଲୁରୁ ମଧ୍ୟ ସାଂସଦ ପି.ସି. ମୋହନ ଏବଂ ସମଲେଇ ମନ୍ଦିର ଟ୍ରଷ୍ଟ ବେଙ୍ଗାଲୁରୁର ସଭାପତି ବିଜୟ କିଶୋର ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ସମଲେଇଙ୍କ ଠାରେ ପୁଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏ.କେ.କ୍ରିଏସନ ଟିମ୍, ସ୍ୱାଗତିକା ତ୍ରିପାଠୀ ଏବଂ ହିଲିୟମ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉପଲକ୍ଷେ କୁନିକୁନି ଛୁଆମାନଙ୍କର ଏକ ପରମ୍ପାରିକ ପୋଷାକର ଫେସନ ସୋ ସହିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପାରମ୍ପାରିକ ପୋଷାକ ପିନ୍ଧି ଉପସ୍ଥିତ ସମସ୍ତ ବ୍ୟକ୍ତି ପାରମ୍ପାରିକ ଖାଦ୍ୟର ମଜା ନେଇଥିଲେ। ସମ୍ବଲପୁରର ଟ୍ରାଇବାଲ ଏଣ୍ଡ ଫୋକ୍ ଆର୍ଟ ସେଣ୍ଟର ଏବଂ ସମ୍ବଲପୁରୀ ଅଭିନେତା ହ୍ୟାରିଆ ନୃତ୍ୟରେ ଉପସ୍ଥିତ ସମସ୍ତ ଦର୍ଶକ ଝୁମି ଉଠିଥିଲେ ବୋଲି ଜୁହାର ପରିବାର ବେଙ୍ଗାଲୁରୁର ମିଡିଆ କୋଡିନେଟର ସୁଦିପ୍ତ କୁମାର ପଣ୍ଡା ଜଣାଇଛନ୍ତି। ଶେଷରେ ଜୁହାର ପରିବାର ବେଙ୍ଗାଲୁରୁର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ମଞ୍ଚ ଉପରେ ଆଶୁତୋଷ ଫିଲିମ ଦ୍ୱାର ନିର୍ମିତ ସମ୍ବଲପୁରୀ କ୍ଷୁଦ୍ର ଚଳଚିତ୍ର 'ଗନ୍ତିଆ ଘରର ପୁଷପୁନି' ପ୍ରଦର୍ଶିତ ହୋଇଥିଲା।

# ଦିଲ୍ଲୀରେ ପୁଷପୁନି ଭେଟଘାଟ ପାଳିତ

**ସମ୍ବଲପୁର, ୫।୨(ସମିସ):** ଜୁହାର ପରିବାର ଦିଲ୍ଲୀ ପକ୍ଷରୁ ଆଜି ରାଜଧାନୀର ଆଇ.ଏନ.ଏ ଗୃହ କଲ୍ୟାଣ କେନ୍ଦ୍ରଠାରେ ପୁଷପୁନି ଭେଟଘାଟ-୨୦୨୪ ଆୟୋଜିତ ଆୟୋଜିତ ହୋଇଯାଇଛି। ମାଁ ସମଲେଶ୍ୱରୀ, ମାଁ ପାଟଣେଶ୍ୱରୀ, ମାଁ ସୁରେଶ୍ୱରୀ ଓ ମାଁ ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନୀତି ଆୟୋଗର ପୂର୍ବତନ ପରାମର୍ଶଦାତା ଶ୍ରୀକର ନାୟକ, ବରିଷ୍ଠ ସାମ୍ବାଦିକ ଡ଼. ଭବାନୀ ଦୀକ୍ଷିତ, ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସର ପ୍ରଫେସର ଡ଼. ସଂଜୀବ ଭୋଇ ଓ ଡ଼. ମିହିର ପାଣ୍ଡିଆ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ୍ମଜେୟ ଖୁଣ୍ଟିଆ, ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର, ଭାରତୀୟ ବାୟୁସେନାର ପୂର୍ବତନ ଅଧିକାରୀ ଡ଼ ଅଶୋକ ଦାଶ, ବରିଷ୍ଠ ଅଧିବକ୍ତା ଶରତ ନନ୍ଦ ଓ ଭାରତୀୟ ବିମାନପତ୍ତନ ପ୍ରାଧିକରଣର ମହାପ୍ରବନ୍ଧକ ଶିବ ଶଙ୍କର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାର୍ଯ୍ୟକ୍ରମରେ ଗୋପାଳ କୃଷ୍ଣ ମିଶ୍ର ବକ୍ତା ଭାବେ ଯୋଗ ଦେଇଥିଲେ। ନୃତ୍ୟଗୁରୁ ସମୀର ମେହେରଙ୍କ ନିର୍ଦ୍ଦେଶନାରେ ନୃତ୍ୟାଞ୍ଜଳି ଅନୁଷ୍ଠାନର କଳାକାର ମାନେ ଡାଲଖାଇ, ରସରକେଲି, ମାଏଲାଝଡ଼, ନଚନିଆ ଓ କର୍ମା ନୃତ୍ୟ ପରିବେଷଣ କରିଥିଲେ। ଆୟୁଷ୍ମାନ ରାଉତ ରଙ୍ଗବତୀ ଗୀତ ଗାଇଥିବାବେଳେ ପ୍ରିୟଲ ପ୍ରଧାନ ଓ ଅନ୍‌ବଷୋ ପଣ୍ଡା ସମ୍ବଲପୁରୀ ନୃତ୍ୟର ପ୍ରସ୍ତୁତି କରିଥିଲେ। କାର୍ଯ୍ୟକ୍ରମରେ ଅନାମିକା ପାଣିଗ୍ରାହୀ ହାସ୍ୟରସାତ୍ମକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶାର ଲୋକପ୍ରିୟ ବ୍ୟଞ୍ଜନ ଚାଉଳବରା, ତେତେଲ ଚଟନୀ ସହିତ ଅନେକ ନିରାମିଷ ଓ ଆମିଷ ବ୍ୟଞ୍ଜନର ଲୋକେ ଆନନ୍ଦ ନେଇଥିଲେ। ପୁଷପୁନି ଭେଟଘାଟ ରେ ୫୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହୋଇଥିଲେ। ଜୁହାର ପରିବାର ଦିଲ୍ଲୀ ସଭାପତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଅନୁପମ ମିଶ୍ର ସଂଯୋଜନା କରିଥିଲେ। ଆୟୋଜନରେ ମାନସ ରଞ୍ଜନ ମିଶ୍ର, ବିଜୟାନନ୍ଦ ନାଏକ, ଅରକ୍ଷିତ ଶାସ୍ତ୍ରୀ, କୁନ୍ତଳା ଭୋଇ, ମାନସ ସାହୁ, ଦେବାଶିଷ ମାଝି, ଦେବଦତ୍ତ ଦାଶ, ମାନସ ମହାନ୍ତି, ତାପସ ଷଡ଼ଙ୍ଗୀ, ପିନାକୀ ରଥ, ଆକାଶ ପାଣିଗ୍ରାହୀ, ବିଜୟ ତ୍ରିପାଠୀ, ସତ୍ୟନାରାୟଣ ପ୍ରଧାନ, ମାନସ ପାଢ଼ୀ, ସର୍ବେଶ୍ୱର ପଧାନ, ଜଗଦୀଶ ପଟେଲ, ନିର୍ମଳ ଦେହେରି, ବିବେକ ପାତ୍ର, ଆଶିଷ ପାତ୍ର, ଓମ ପ୍ରକାଶ ରାଉତ ପ୍ରମୁଖ ଭୂମିକା ତୁଲାଇଥିଲେ।




# ଦିଲ୍ଲୀ ଓଡିଆ ନାରୀ କଲ୍ୟାଣ ସମିତି ତରଫରୁ ପୁଷପୁନି ଭେଟଘାଟ

**ସମ୍ବଲପୁର, ୫।୨(ସମିସ):** ଦିଲ୍ଲୀ ଓଡିଆ ନାରୀ କଲ୍ୟାଣ ସମିତି ତରଫରୁ ଦିଲ୍ଲୀର ପାଣ୍ଡାରା ପାର୍କରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ପିଠାପନା, ସୁସ୍ୱାଦୁ ଖାଦ୍ୟ ସହ ପୁଷପୁନି ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳରୁ ଓଡ଼ିଆମାନେ ଦୀର୍ଘବର୍ଷ ହେଲା ଦିଲ୍ଲୀରେ ଆସି ବସବାସ କରୁଥିଲେ ହେଁ ନିଜର କଳା, ସଂସ୍କୃତି, ପର୍ବପର୍ବାଣି ଓ ପରମ୍ପରାକୁ ଭୁଲି ନଥିବା କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା। ପଶ୍ଚିମାଞ୍ଚଳର ପ୍ରାୟ ୩୦୦ଶହରୁ ଅଧିକ ପ୍ରବାସୀ ଓଡ଼ିଆମାନେ ସପରିବାର ସହ ଏହି ପର୍ବରେ ଏକତ୍ରିତ ହୋଇ ଖାଦ୍ୟପେୟର ମଜା ନେବା ସହ ନାଚଗୀତକୁ ମନଭରି ଉପଭୋଗ କରିଥିଲେ। ସଙ୍ଗୀତ ଗୁରୁ ଦିଲିପ ସାହୁଙ୍କ କଲାଜିବି ଅନୁଷ୍ଠାନର କଳାକାରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଶେଷରେ ଆୟୋଜକ କମିଟି ତରଫରୁ ସମସ୍ତ ନୃତ୍ୟ ଶିଳ୍ପୀମାନଙ୍କୁ ବ୍ୟକ୍ତାମାନେ ସମ୍ମାନିତ କରିଥିଲେ। ଆୟୋଜିତ ଏହି ଉତ୍ସବକୁ ଦିଲ୍ଲୀ ଓଡିଆ ନାରୀ କଲ୍ୟାଣ ସମିତିର ଅଧ୍ୟକ୍ଷ ଲିଲି ନାଗ, ସେକ୍ରେଟାରୀ ଅଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ବୃନ୍ଦାବତୀ ସୁନା ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ ଜଗଦିଶ ହଂସ, ଭକ୍ତ ସୁନା ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ନୂଆଦିଲ୍ଲୀର ସାଂସଦ ମିନାକ୍ଷୀ ଲେଖି, ଦିଲ୍ଲୀ ଭାରତୀୟ ଯୁବା ମୋର୍ଚ୍ଚାର ଅଧ୍ୟକ୍ଷ ବିରେନ୍ଦ୍ର ସଚଦେବା, ଦିଲ୍ଲୀ ଭାଜପାର ଉପାଧ୍ୟକ୍ଷ ସୁନିଲ ଯାଦବ, ନୂଆଁ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ୍ ସଦସ୍ୟ ଗିରିଜା ସଚଦେବା ଉପସ୍ଥିତ ଥିଲେ।



# ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା କାର୍ଯ୍ୟକ୍ରମ

**ସମ୍ବଲପୁର, ୫।୨(ସମିସ)**

ଶିକ୍ଷା ବିଭାଗ ସମ୍ବଲପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ବୁଢାରଜା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବକୁ ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀ ସଂଗୀତର ସମୂହଗାନ କରିବା ପରେ ତର୍କ, ଚିତ୍ରାଙ୍କନ ଓ ବୁଦ୍ଧି ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଆକର୍ଷଣ ଥିଲା ପୂର୍ବତନ ଶିକ୍ଷା ମଣ୍ଡଳାଧିଶ ଡ. ଗିରିଧାରୀ ହୋତା ଏବଂ ବିଶିଷ୍ଟ ଶିକ୍ଷାବିତ୍ ଡ. ଶ୍ୟାମ ସୁନ୍ଦର ଧରଙ୍କ କୁହାଯାଇଥିବା "କଥାନୀ" ବେଶ ଉପଭୋଗ୍ୟ ହୋଇଥଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜୟଶ୍ରୀ ଦୋରା ଅଭିଭାଷଣ ସମୟରେ ଭାବଗର୍ଭକ ଏକ ସୁନ୍ଦର ଗପ କହିଥିଲେ। ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ସମସ୍ତ ବ୍ଲକର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗିମାନେ ଜିଲ୍ଲାସ୍ତରରେ ଅଂଶଗ୍ରହଣ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ପୁରସ୍କାର ଲାଭ କରିଥିଲେ। ବିଚାରକ ଭାବେ ତର୍କ ପାଇଁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶେଫାଳୀ ରାଣୀ ଦାଶ ଓ ଅଧ୍ୟାପକ ଡ ସତ୍ୟନାରାୟଣ ଠାକୁର, ବୁଦ୍ଧି ପରୀକ୍ଷା ପାଇଁ ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଟଯୋଶୀ ଓ ଚିତ୍ରାଙ୍କନ ପାଇଁ ଅଭିନନ୍ଦନ ତ୍ରିପାଠୀ ଯୋଗଦାନ କରିଥିଲେ। ଏହି ଅବସରରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଲୋକନୃତ୍ୟ ପରିବେଷିତ ହୋଇଥିଲା। ସି.ଆର୍.ସି.ସି ଅସୀମ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ରାଉତ ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନୁପମା ମହାପାତ୍ର, ଦୀପାଳୀ ଚୌଧୁରୀ, ଅବିନାଶ ସାହୁ, ଶିକ୍ଷକ ହରି ନାରାୟଣ ପଣ୍ଡା, ଅରୁଣ ଦାଶ, ସନ୍ତନୁ ଡନସେନା, ସମୀର ବାବୁ, ଚିତ୍ତରଞ୍ଜନ ଗଡ଼ିଆ, ରଶ୍ମିତା ସ୍ୱାଇଁ, ସ୍ମିତା ନାୟକ, ସୁଚିସ୍ମିତା ସାହୁ, ଭୋଲାନାଥ ବିଷୋୟୀ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଦିଲ୍ଲୀ କର୍ତ୍ତବ୍ୟପଥ ପ୍ୟାରେଡରେ ମହିଳା ମହାବିଦ୍ୟାଳୟ ଛାତ୍ରୀ

**ସମ୍ବଲପୁର, ୫।୨(ସମିସ):** ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ କର୍ତ୍ତବ୍ୟପଥ ପ୍ୟାରେଡ ଓ ପ୍ରଧାନମନ୍ତ୍ରୀ ରାଲିରେ ସରକାରୀ ମହିଳା ମହାବିଦ୍ୟାଳୟ +୩ ପ୍ରଥମ ବର୍ଷ ଛାତ୍ରୀ ସିନିୟର ଅଣ୍ଡର ଅଫିସର ନିହାରିକା ବେହେରା ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ଗତ ଡିସେମ୍ବର ମାସ ୨୭ ତାରିଖଠାରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ଶିବିରରେ ନିହାରିକା ବେହେରା ଭାଗ ନେଇଥିଲେ। ନିହାରିକାଙ୍କୁ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ତଥା ଅଧ୍ୟାପିକା ଓ ଅଧାପକମାନେ ଶୁଭିଚ୍ଛା ଜଣାଇଛନ୍ତି।

